Bhubaneswar- 16 may 2026
ଭୁବନେଶ୍ୱର- ୧୬ ମେ' ୨୦୨୬
Vol- 1 Issue - 20
ଭାଗ- ୧ ସଂଖ୍ୟା- ୨୦
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୭୦୧୦୦୭

ଇନ୍ଧନ ସଙ୍କଟ ଚରମ ସୀମାରେ

# ତେଲ ପାଇଁ ଲମ୍ବା ଲାଇନରେ ଗ୍ରାହକ

- ଆଶ୍ୱାସନା ଦେଲେ ଯୋଗାଣ ମନ୍ତ୍ରୀ
- ମହଜୁଦ୍ ଅଛି ୧୩ ଦିନର ତେଲ
- ପ୍ୟାନିକ ହୁଅନ୍ତୁ ନାହିଁ କିମ୍ବା ଭିଡ଼ କରନ୍ତୁ ନାହିଁ :ଆଇଓସିଏଲ
- ବଢ଼ିଲା ପେଟ୍ରୋଲ , ଡ଼ିଜେଲ ଦାମ
- ଭୁବନେଶ୍ୱରରେ ପେଟ୍ରୋଲ ୧୦୪ ଟଙ୍କା ପାର
- ଭୁବନେଶ୍ୱରରେ ଡିଜେଲ ଦର ୯୫ ଟଙ୍କା ପାର୍
- ବସ ଭଡ଼ା ବୃଦ୍ଧି , ଡିଲକ୍ସ ବସ୍‌ଭଡ଼ା ୬ ପଇସା ବୃଦ୍ଧି



**ଭୁବନେଶ୍ୱର :** ରାଜ୍ୟରେ ଏବେ ଇନ୍ଧନ ସଙ୍କଟ ଚରମ ସୀମାରେ ପହଞ୍ଚିଛି। ପେଟ୍ରୋଲ ଓ ଡିଜେଲ ଅଭାବ ଯୋଗୁଁ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡିଛି। ପେଟ୍ରୋଲପମ୍ପରେ ଲାଗିଛି ଲମ୍ବା ଧାଡି।ପେଟ୍ରୋଲପମ୍ପ ଗୁଡିକରେ ଏବେ କୁରୁକ୍ଷେତ୍ର ପାଲଟିଥିବା ବେଳେ ତେଲ ପାଇଁ ଗ୍ରାହକଙ୍କ ମଧ୍ୟରେ ମୁହାମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି।ରାତି ଅଧରୁ ତେଲ ପାଇଁ ଟାଙ୍କିରେ ଲୋକଙ୍କ ଭିଡ଼। ଟ୍ୱିନ୍‌ସିଟି ସମେତ ପୁରୀ, ବାଲେଶ୍ୱରରେ ତେଲ ଟାଙ୍କିରେ ପ୍ରବଳ ଭିଡ଼ । କେନ୍ଦ୍ରାପଡ଼ା, ଜୟପୁର, ରାଉରକେଲାରେ ମଧ୍ୟ ଟାଙ୍କିରେ ଲମ୍ବା ଲାଇନ୍।ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନ୍‌ରେ ଅପେକ୍ଷା କରିଛନ୍ତି ଗ୍ରାହକ। ରାଜଧାନୀରେ ଥିବା ପେଟ୍ରୋଲ ପମ୍ପ ଆଗରେ କିଲୋମିଟର ଲମ୍ବାର ଧାଡି ଦେଖିବାକୁ ମିଳୁଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ପରେ ବି ଲୋକେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ତେଲ ପାଇଁ ଗାଡିଗୁଡିକ ଏନଏଚ ଉପରେ ଲମ୍ବି ରହୁଥିବାରୁ ଦୁର୍ଘଟଣା ବଢ଼ିବାରେ ଆଶଙ୍କା ରହୁଛି। ଅନେକ ଟାଙ୍କିରେ ନୋ ଷ୍ଟକ ବୋର୍ଡ ଝୁଲୁଥିବାରୁ ଲୋକେ ନିରାଶ ହୋଇ ଗୋଟିଏ ପମ୍ପରୁ ଅନ୍ୟ ପମ୍ପକୁ ଦୌଡୁଛନ୍ତି। ଅନ୍ୟପଟରେ ଦେଶରେ ଇନ୍ଧନ ସଙ୍କଟ ଚରମ ସୀମାରେ ପହଞ୍ଚିଛି। ପେଟ୍ରୋଲ ଓ ଡିଜେଲ ଅଭାବ ଯୋଗୁଁ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡିଛି। ପେଟ୍ରୋଲପମ୍ପରେ ଲାଗିଛି ଲମ୍ବା ଧାଡି।ପେଟ୍ରୋଲପମ୍ପ ଗୁଡିକରେ ଏବେ କୁରୁକ୍ଷେତ୍ର ପାଲଟିଥିବା ବେଳେ ତେଲ ପାଇଁ ଗ୍ରାହକଙ୍କ ମଧ୍ୟରେ ମୁହାମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ପେଟ୍ରୋଲ ସଙ୍କଟ ନେଇ ପ୍ରତିକ୍ରିୟା ରଖିଛନ୍ତି ଯୋଗାଣ ମନ୍ତ୍ରୀ । ରାଜ୍ୟରେ ତେଲର ଅଭାବ ନାହିଁ । ଆହୁରି ୧୩ ଦିନ ତେଲ ମହଜୁଦ ଅଛି। ପାରାଦୀପରେ ତେଲ ରିଫାଇନାରି ଅଛି। ଅସାଧୁ ବେପାରୀଙ୍କ ଉପରେ ନଜର ରଖାଯାଇଛି। ଯେତିକି ଆବଶ୍ୟକ ସେତିକି ତେଲ ପକାନ୍ତୁ ବୋଲି ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ତେଲ ନେଇ କୌଣସି କଟକଣା କରାଯାଇନାହିଁ । କୌଣସି ଗୁଜବ ଉପରେ ଗୁରୁତ୍ୱ ଦିଅନ୍ତୁ ନାହିଁ । ଗହଳିକୁ ନଜରରେ ରଖି କିଛି ଟାଙ୍କିରେ କିଛି ନିୟମ କରିଛନ୍ତି । ଟାଙ୍କିରେ ବହୁତ ଭିଡ଼ ବଢ଼ିଯିବାରୁ ଅଳ୍ପ ଅଳ୍ପ ତେଲ ଦେଉଛନ୍ତି ମାଲିକ। ଆତଙ୍କିତ ହୋଇ ତେଲ ନ କିଣିବାକୁ ପରାମର୍ଶ ଦେଇଛନ୍ତି ମନ୍ତ୍ରୀ। ସେହିପରି ରାଜ୍ୟରେ ପର୍ଯ୍ୟାପ୍ତ ଅଛି ପେଟ୍ରୋଲ ଏବଂ ଡିଜେଲ । ପ୍ୟାନିକ ହୁଅନ୍ତୁ ନାହିଁ କିମ୍ବା ଭିଡ଼ କରନ୍ତୁ ନାହିଁ ବୋଲି କହିଛନ୍ତି ଆଇଓସିଏଲ ସିଜିଏମ କମଲ ସିଲ କହିଛନ୍ତି, କୌଣସି ସ୍ଥାନରେ ପେଟ୍ରୋଲ କିମ୍ବା ଡିଜେଲର ଅଭାବ ନାହିଁ । ଅଧିକ ପେଟ୍ରୋଲ, ଡିଜେଲ କିଣି ମହଜୁଦ କରନ୍ତୁ ନାହିଁ । ଡିମାଣ୍ଡ ଅନୁସାରେ ସବୁ ଟାଙ୍କିକୁ ତେଲ ପହଞ୍ଚାଯିବ । ତେବେ ଗତ ଦୁଇ ଦିନରେ ୩୦ ପ୍ରତିଶତ ପେଟ୍ରୋଲ, ଡିଜେଲ ବିକ୍ରି ବଢି ଯାଇଥିବା କହିଛନ୍ତି କମଲ ସିଲ୍ । ସଙ୍କଟ ଭିତରେ ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି। ପେଟ୍ରୋଲର ମୂଲ୍ୟ ଲିଟର ପିଛା ୩.୧୪ ଟଙ୍କା ବୃଦ୍ଧି ପାଇଥିବା ବେଳେ ଡିଜେଲ ୩.୧୧ ଟଙ୍କା ମହଙ୍ଗା ହୋଇହୋଇଛି। ୨୦୨୨ ପରେ ପ୍ରଥମ ଥର ପାଇଁ ଆଜି ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି।

## ତୈଳ ଦର ବୃଦ୍ଧିର ପ୍ରଥମ ଝଟକା; ଆଜିଠାରୁ ନୂଆ ବସ୍ ଭଡ଼ା

ସେହିପରି ବଢିଛି ବସ ଭଡ଼ା । ତେଲ ଦର ବଢିବା ପରେ ରାଜ୍ୟରେ ବଢିଲା ଘରୋଇ ବସ ଭଡା । ସାଧାରଣ ଓ ଏକ୍ସପ୍ରେସ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ବଢ଼ିଲା । ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଭଡ଼ା କିଲୋମିଟର ପିଛା ୪ ପଇସା ବଢ଼ିଛି । ସେପରି ସୁପର ଡିଲକ୍ସ ବସ୍ ଭଡ଼ାରେ ସର୍ବାଧିକ ୬ ପଇସା ବୃଦ୍ଧି ହୋଇଛି । ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି । ସ୍ୱୟଂକ୍ରିୟ ପଦ୍ଧତି ଅନୁସାରେ ବସ ମୂଲ୍ୟରେ ବୃଦ୍ଧି ହୋଇଛି । ଏନେଇ ସୂଚନା ଦେଇଛି ରାଜ୍ୟ ଘରୋଇ ବସ ମାଲିକ ସଂଘ । ପ୍ରକାଶ ଯେ, ଅଲ୍ ଓଡ଼ିଶା ବସ୍ ଓନର ଆସୋସିଏସନରର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଥିଲେ ଡିଜେଲ ୩ଟଙ୍କା ବଢିଲା, ଆମେ ଆଉ କ୍ଷତି ସହିପାରିବୁନି। ପ୍ରତି କି.ମି ପିଛା ୨ପଇସା ବଢିବ ବୋଲି ଦାବି କରାଯାଇଛି । ଶ୍ରେଣୀ ଅନୁସାରେ ଦର ଅଲଗା ହେବ । ଶେଷ ଥର ଭଡ଼ା ବଢିଥିଲା ୧୬ମାର୍ଚ୍ଚ ୨୦୨୪ରେ। ତା'ପରଠୁ ଟାୟାର, ମୋବିଲ, ଇନ୍ସୁରାନ୍ସ, ଟୋଲ୍ ସବୁ ମହଙ୍ଗା। ଏବେ ଡିଜେଲ ୩ଟଙ୍କା ବଢିଲା । ତେଣୁ ଦର ବଢ଼ିବ।

## ପ୍ରତିରକ୍ଷା, ଗ୍ୟାସ ଓ ତୈଳ ଭଣ୍ଡାର କ୍ଷେତ୍ରରେ ଭାରତ-ୟୁଏଇ ରାଜିନାମା

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୫ ଦେଶୀୟ ଗସ୍ତରେ ଯାଇ ପ୍ରଥମ ପର୍ଯ୍ୟାୟରେ ସଂଯୁକ୍ତ ଆରବ ଏମିରେଟ୍‌ସରେ ପହଞ୍ଚିଛନ୍ତି। ସେଠାରେ ତାଙ୍କର ମାତ୍ର ଅଢ଼େଇ ଘଣ୍ଟାର ରହଣି ମଧ୍ୟରେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ଏଲ୍‌ପିଜି ଯୋଗାଣ ଓ ରଣନୈତିକ ତୈଳ ଭଣ୍ଡାର କ୍ଷେତ୍ରରେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷର ହୋଇଛି। ଏଥିସହିତ ଭାରତର ଭିତ୍ତିଭୂମି ଏବଂ ଆର୍ଥିକ ପ୍ରତିଷ୍ଠାନ ଗୁଡ଼ିକରେ ୟୁଏଇ ୫ ବିଲିଅନ ଡଲାରର ନିବେଶ କରିବ ବୋଲି ମଧ୍ୟ ପ୍ରତିଶ୍ରୁତ ଦେଇଛି। ଗୁଜରାଟର ଦ୍ୱାରକା ଜିଲ୍ଲା ଅନ୍ତର୍ଗତ ଭାଡ଼ିନାରଠାରେ ଏକ ଜାହାଜ ମରାମତି ପୁଞ୍ଜି ସ୍ଥାପନ ପାଇଁ ମଧ୍ୟ ଦୁଇ ଦେଶ ମଧ୍ୟରେ ରାଜିନାମା ହୋଇଛି। ୟୁଏଇ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାୟେଦ ଅଲ ନାହୟାନ୍ ଏବଂ ମୋଦୀଙ୍କ ଉପସ୍ଥିତିରେ ଏହି ରାଜିନାମାଗୁଡ଼ିକ ସ୍ୱାକ୍ଷର ହୋଇଛି। ଉଲ୍ଲେଖଯୋଗ୍ୟ ଭାରତ ଓ ୟୁଏଇ ଗତ କିଛି ବର୍ଷ ମଧ୍ୟରେ ଆର୍ଥିକ ସହଯୋଗିତାକୁ ବଢ଼ାଇଛନ୍ତି। ବିଶେଷକରି ଦୁଇ ଦେଶ ମଧ୍ୟରେ ବ୍ୟାପକ ଅର୍ଥନୈତିକ ସହଯୋଗ ରାଜିନାମା ସ୍ୱାକ୍ଷର ପରେ ଏହା ବଢ଼ିଛି। ଏଥିପାଇଁ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ୧୦୦ ବିଲିଅନ ଡଲାର ଟପିଛି। ଆଗାମୀ ଦିନରେ ଏହାକୁ ୨୦୦ ବିଲିଅନ ଡଲାରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି।

## ରାଜ୍ୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୬୦%କୁ ବୃଦ୍ଧି
### ଜାନୁୟାରୀରୁ ପିଛିଲା ଭାବେ ଲାଗୁ

**ଭୁବନେଶ୍ୱର :** ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଆଉ ୨ ପ୍ରତିଶତ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏହାସହିତ ରାଜ୍ୟ କର୍ମଚାରୀଙ୍କ ମୋଟ୍ ମହଙ୍ଗା ଭତ୍ତା(ଡିଏ) ୫୮ରୁ ୬୦ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ଜାନୁୟାରୀ ପହିଲାରୁ ଲାଗୁ ହେବ। ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ମଇମାସ ଦରମାରେ ନଗଦ ଆକାରରେ ମିଳିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁସାରେ, ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ୬୦ ପ୍ରତିଶତ ମହଙ୍ଗା ଭତ୍ତା ପିଛିଲା ଭାବେ ଜାନୁୟାରୀ ମାସରୁ ମିଳିବ। ରାଜ୍ୟ ସରକାରଙ୍କ ପେନସନଭୋଗୀମାନଙ୍କୁ ମଧ୍ୟ ଟିଆଇରେ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ବର୍ଦ୍ଧିତ ପେନସନକୁ ମଇ ମାସର ପେନସନରେ ନଗଦ ଆକାରରେ ପାଇବେ। ମୋଟ ୮ଲକ୍ଷ ସରକାରୀ କର୍ମଚାରୀ ଓ ପେନସନଭୋଗୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ପ୍ରେସ୍ ରିଲିଜରେ ସୂଚନା ଦିଆଯାଇଛି ।ଅନ୍ୟପକ୍ଷରେ ଅର୍ଥ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଯୋଗୁ ରାଜ୍ୟ ରାଜକୋଷ ଉପରେ ବାର୍ଷିକ ପ୍ରାୟ ୫୦୦ରୁ ୬୦୦କୋଟି ଟଙ୍କାର ଅତିରିକ୍ତ ବୋଝ ପଡ଼ିବ। ରାଜ୍ୟର ପ୍ରାୟ ସାଢ଼େ ୪ ଲକ୍ଷ କର୍ମଚାରୀ ଓ ୪ ଲକ୍ଷ ପେନସନଭୋଗୀଙ୍କୁ ୪ମାସର ବକେୟା ରାଶି(ମହଙ୍ଗା ଭତ୍ତା) ମଧ୍ୟ ସରକାର ଦେବେ ।ସୂଚନାଯୋଗ୍ୟ, ରାଜ ସରକାର ପ୍ରତିବର୍ଷ ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କ ନିମନ୍ତେ ଦୁଇଥର ମହଙ୍ଗା ଭତ୍ତା ବୃଦ୍ଧି କରିଥାନ୍ତି।

ରଥଖଳାରେ ଦ୍ରୁତଗତିରେ ଆଗେଇ ଚାଲିଛି ତିନିରଥ

## ଆରମ୍ଭ ହୋଇଛି ୧୪ ନାହାକା ଚଉପଟ କାର୍ଯ୍ୟ

**ପୁରୀ:** ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଏଥିପାଇଁ ରଥଖଳାରେ ରଥକାମ ଦ୍ରୁତ ଗତିରେ ଆଗେଇ ଚାଲିଛି । ତିନିରଥ ର ୩୨ ଗୋଟି ଚକ ନିର୍ମାଣ ଶେଷ ହୋଇ ତିନି ରଥର ବିଭିନ୍ନ ଅଂଶ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରୀ ରହିଥିବା ବେଳେ ଆରମ୍ଭ ହୋଇଛି ତିନିରଥ ୧୪ ନାହାକା ଚଉପଟ କାର୍ଯ୍ୟ । ତିନିରଥ ର ନିର୍ମାଣ କାର୍ଯ୍ୟ ସମାନ୍ତରାଳ ଭାବେ ଆଗେଇ ଚାଲିଛି। ମହାରଣା ସେବକଙ୍କ ପ୍ରତିଟି ନିର୍ମାଣ କାର୍ଯ୍ୟ ର ସହାୟକ ଭାବେ ଜଗି ରହିଛନ୍ତି ଭୋଇ ସେବକ ମାନେ । ତିନିରଥ ଚାଳିରେ କାର୍ଯ୍ୟରତ ବିଶ୍ୱକର୍ମା ମହାରଣାଙ୍କ ଇସାରାରେ ମୁହୂର୍ତ୍ତରେ ପରିଷ୍କାର କରି ନେଇଛନ୍ତି କାଠ । ଚଉପଟ ବେଳେ ବାରିସୀରୁ ଛିଟିକି ବାହାରି ଆସୁଥିବା କାଠ ଛେଲା ସବୁକୁ, ଚଉପଟ ସରିଥିବା ଭୂଇଁ ଚଉତା ର ବିନ୍ଧ ଅନୁକୂଳ ପାଇଁ ମାପ ଚିହ୍ନର ସୂତା ଭିଡ଼ି ଧରିବା ଠାରୁ ଆରମ୍ଭ କରି ରଥ ଅମୀନ ଚିହ୍ନଟ କରି ନିର୍ମାଣ ଉପଯୋଗୀ କାଠକୁ ରଥଖଳାକୁ ବୋହିଆଣି ଯୋଗଇବା ସହ ସାଇତି ରଖୁଛନ୍ତି ଚଉପଟ ଶେଷ ହେଉଥିବା ଅଂଶ ଗୁଡିକୁ । ଏଥି ସହ ଯନ୍ତା ଗାଡ଼ଠାରେ ତୁମ୍ବରେ ସିଙ୍ଗଡ଼ା ବାଡେଇ ତିନି ରଥ ଚାଳି ମହାରଣା ସେବକ ମାନଙ୍କୁ ଯୋଗାଇ ଦେଉଛନ୍ତି,ଭୋଇ ସେବକ ମାନେ ଗୋଟିଏ କାର୍ଯ୍ୟ ସରୁ ସରୁ ତା'ପଛକୁ ଆଉ ଗୋଟିଏ କାର୍ଯ୍ୟ ସାରି ଦେବା ମାନସିକତାରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ ଗୋଷ୍ଠିଗତ ସେବା । ତିନି ରଥର ବାକି ଚକ ଗୁଡ଼ିକର ନିର୍ମାଣ ପାଇଁ ଚକ ତୁମ୍ବ ରେ ସିଙ୍ଗଡ଼ା ବାଡିଆ ଶେଷ ହୋଇଛି। ଏଥି ସହ ତିନି ରଥର ୧୨ ଗୋଟି ଲେଖାଏଁ ଭୂଇଁ ଚଉତା ର ଚଉପଟ କାର୍ଯ୍ୟ ଶେଷ ହୋଇ ବିନ୍ଧ କାର୍ଯ୍ୟପାଇଁ ଚଉତାରେ ମାପ ଚିହ୍ନ ଦିଆ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ତିନି ରଥର ଚଉଦ ନହାକା ନିର୍ମାଣ କାର୍ଯ୍ୟ ପାଇଁ ରଥ ଅମୀନ ତିନି ରଥ ଚାଳିକୁ ଯୋଗାଇଥିବା ୪ ଗୋଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ର ଚଉପଟ କାର୍ଯ୍ୟ ଜାରୀ ରହିଛି। ରୂପକାର ସେବକ ମାନେ ତିନିରଥ ସାଲ ଗୁଜରେ ରୂପ ଖୋଦେଇ ଜାରୀ ରଖିଛନ୍ତି ଶେଷ ହୋଇଥିବା ରୂପ ଗୁଡ଼ିକର ପଲିସ୍ କାର୍ଯ୍ୟ ଜାରୀ ରହିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳ ରେ ତିନିରଥ ଓଝା ସେବକ ମାନେ ଦଣ୍ଡା ବିଡିଆ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ତିନିରଥ ର ମହାରଣା ସେବକ ୭୬, ଭୋଇ ସେବକ ୭୬ଜଣ, କରତୀ ସେବକ ୪ ଜଣ,ତିନିରଥ ଓଝା କମାର ସେବକ ୨୦ ଜଣ, ରୂପକାର ସେବକ ୨୧ ଜଣ,ତୁମ୍ବ ବିନ୍ଧ କାରୀଗର ୨ ଜଣ,ରଥଖଳା ସହାୟକ ୧ ଜଣ ସମୁଦାୟ ୨୦୧ ଜଣ ମହାପ୍ରଭୁଙ୍କ ସେବାରେ ନିୟୋଜିତ ଅଛନ୍ତି ।

## ଦୁର୍ଘଟଣା ପରେ ଚାଳକଙ୍କୁ ପିଟି ପିଟି ମାରିଦେଲେ
### ୩ ଟ୍ରେଲର ଚାଳକ ଗିରଫ କଲା ପୋଲିସ

**ସୁନ୍ଦରଗଡ଼ :** ସୁନ୍ଦରଗଡ଼ ଭଷ୍ମା ଅଞ୍ଚଳରେ ଏକ ଭିଡ଼ ହତ୍ୟା ଘଟିଛି। ଦୁର୍ଘଟଣା ଘଟାଇଥିବା ଜଣେ ଚାଳକଙ୍କୁ ଅନ୍ୟ ଚାଳକମାନେ ପିଟିପିଟି ହତ୍ୟା କରିଛନ୍ତି। ମୃତ ଚାଳକ ହେଲେ ଭଷ୍ମା ଥାନା ଗୁଲଠା ଗାଁର ରାଜେଶ ମୁଣ୍ଡା (୩୬)। ଭଷ୍ମା ଥାନାରେ ସୁନ୍ଦରଗଡ଼ ରଙ୍ଗାଡିପା ନିରଞ୍ଜନ ନଗରର ସମରେନ୍ଦ୍ର ପରିଡ଼ା ଦେଇଥିବା ଏତଲା ଅନୁସାରେ, ରାଜେଶ ତାଙ୍କ ପିକ୍‌ଅପ୍ ଭ୍ୟାନ୍ (ଓଡି ୧୬ବି ୪୨୭୭)ର ଚାଳକ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ଅପରାହ୍ଣରେ ଏକ ଟ୍ରକ୍‌ର ଟାୟାର ମରାମତି କାମ କରିବାକୁ ଯାଇ ଫେରୁଥିଲେ। ଏହି ସମୟରେ ସୁରଡା ଛକରେ ହଠାତ ରାସ୍ତା ଉପରକୁ ଚାଲି ଆସିଥିବା ଜଣେ ଟ୍ରେଲର ଚାଳକ ମୁକେଶ ଯାଦବଙ୍କୁ ବଲେରୋ ପିକ୍‌ଅପ୍ ଧକ୍କା ଦେଇଥିଲା। ମୁକେଶଙ୍କ ଗୋଡ଼ ଭାଙ୍ଗିଯିବା ସହ ଗୁରୁତର ଆହତ ହେଲେ। ଦୁର୍ଘଟଣା ପରେ ରାଜେଶ ପଳାଇ ନଯାଇ ଆହତଙ୍କୁ ଡାକ୍ତରଖାନା ନେବ ବୋଲି ଗାଡ଼ି ଅଟକାଇଥିଲେ। ଏହି ସମୟରେ ଛକରେ ଥିବା ଅନ୍ୟ ଟ୍ରେଲର ଚାଳକମାନେ ରକ୍ତମୁଖା ହୋଇ ରାଜେଶଙ୍କୁ ଘେରି ଯାଇ ଲୁହରଡ଼ରେ ମାଡ଼ମାରି ଦରମରା କରି ଦେଇଥିଲେ। ସେ ରକ୍ତାକ୍ତ ହୋଇ ତଳେ ପଡ଼ିଯିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଓ ଆହତ ମୁକେଶଙ୍କୁ ସେହି ଗାଡ଼ିରେ ଚାଳକମାନେ ସୁନ୍ଦରଗଡ଼ ବଡ଼ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତରଖାନା ପହଞ୍ଚିବାର କିଛି କ୍ଷଣ ପରେ ଡାକ୍ତର ରାଜେଶଙ୍କୁ ମୃତ ଘୋଷଣା କରିବା ସହ ପୁଲିସକୁ ସୂଚିତ କରିଥିଲେ। ରାଜେଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ଆହତ ମୁକେଶଙ୍କ ଚିକିତ୍ସା ଚାଲିଛି। ଚାଳକ ମନୀଷ କୁମାର, ବିକାଶ କୁମାର ଓ ଅମ୍ରିତ ଲାଲ ଆକ୍ରମଣକାରୀ ବୋଲି ସମରେନ୍ଦ୍ର ପରିଡ଼ା ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି।

## ମେ' ୨୬ରେ ମୌସୁମୀ କେରଳ ଛୁଇଁବ !



**ନୂଆଦିଲ୍ଲୀ :** ମେ' ୨୬ରେ କେରଳ ଛୁଇଁବ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ଭାରତ ପାଣିପାଗ ବିଭାଗ (ଆଇଏମଡି) ଶୁକ୍ରବାର କହିଛି ଯେ ମୌସୁମୀ ମେ ୨୬ ତାରିଖରେ କେରଳରେ ପ୍ରବେଶ କରିବ, ଏବଂ ଏହାର ପରିବର୍ତ୍ତନ ଚାରି ଦିନ ହୋଇପାରେ। ମୌସୁମୀ ଆଗମନର ସାଧାରଣ ତାରିଖ ହେଉଛି ଜୁନ୍ ୧। ଆଇଏମଡି ଅନୁଯାୟୀ, ପଶ୍ଚିମ ଉପକୂଳର ଦକ୍ଷିଣ ଅଂଶରେ ୧୪ ମଇ ରୁ ୨୮ ମଇ ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଗତ ବର୍ଷ, ମୌସୁମୀ ମେ ୨୪ ତାରିଖରେ ଦକ୍ଷିଣ ରାଜ୍ୟ ଉପରେ ପହଞ୍ଚିଥିଲା। ଭାରତ ପାଣିପାଗ ବିଭାଗ (ଆଇଏମଡି) ୨୦୨୬ରେ କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀର ଆଗମନ ପାଇଁ ମେ ୨୬ ତାରିଖକୁ ଆଶା କରାଯାଇଥିବା ତାରିଖ ଭାବରେ ଘୋଷଣା କରିଛି। ଏହା ସାଧାରଣ ଜୁନ୍ ୧ ତାରିଖ ଅପେକ୍ଷା ପ୍ରାୟ ଛଅ ଦିନ ପୂର୍ବରୁ। ମୌସୁମୀର ଆଗମନ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ପ୍ରବଳ ଗରମରୁ ମୁକ୍ତି ଏବଂ ଖରିଫ ଫସଲ ବୁଣା ପାଇଁ ଅନୁକୂଳ ପରିସ୍ଥିତି ଆଣିବ ବୋଲି ଆଶା କରାଯାଉଛି। କେରଳରେ ମୌସୁମୀର ଆରମ୍ଭ ଭାରତୀୟ ମୁଖ୍ୟଭୂମି ଉପରେ ଦକ୍ଷିଣ-ପଶ୍ଚିମ ମୌସୁମୀର ଅଗ୍ରଗତି ପାଇଁ ଏକ ପ୍ରମୁଖ ସଙ୍କେତ ଭାବରେ ବିବେଚନା କରାଯାଏ। ଏହା ଏକ ଗରମ ଏବଂ ଶୁଷ୍କ ଋତୁରୁ ବର୍ଷା ଋତୁକୁ ପରିବର୍ତ୍ତନକୁ ମଧ୍ୟ ଚିହ୍ନିତ କରେ। ମୌସୁମୀ ଉତ୍ତର ଦିଗକୁ ଅଗ୍ରସର ହେବା ସହିତ, ଦେଶର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇପାରେ। ଆଇଏମଡିର ପୂର୍ବାନୁମାନ ଗତ ୨୧ ବର୍ଷ ମଧ୍ୟରେ ପ୍ରାୟତଃ ସଠିକ୍ ପ୍ରମାଣିତ ହୋଇଛି। କେବଳ ୨୦୧୫ରେ ପୂର୍ବାନୁମାନ ପ୍ରକୃତ ପରିସ୍ଥିତିଠାରୁ ଭିନ୍ନ ଥିଲା।

## ସିବିଆଇ ପଞ୍ଝାରେ ନିଟ ପ୍ରଶ୍ନପତ୍ର ଲିକ୍‌ର କିଙ୍ଗପିନ

**ନୂଆଦିଲ୍ଲୀ:** ଦେଶର ୨୨ ଲକ୍ଷ ପିଲାଙ୍କ କ୍ୟାରିୟର ସହ ଖେଳିଥିବା ନିଟ ୟୁଜି ପ୍ରଶ୍ନପତ୍ର ଲିକର କିଙ୍ଗ ପିନଙ୍କୁ ଗିରଫ କରିଛି ସିବିଆଇ। ପୁଣେ ଭିତ୍ତିକ କେମେଷ୍ଟ୍ରୀ ଲେକଚରଙ୍କୁ ସିବିଆଇ ବାନ୍ଧିବାକୁ ସକ୍ଷମ ହୋଇଛି। ଏହି ପ୍ରଫେସର ଜଣଙ୍କ ଅନେକ ନିଟ ଆଶାୟୀଙ୍କୁ ଗୋଟିଏ ଗୁପ୍ତ ଟ୍ୟୁସନ ସେସନ୍ସ ଜରିଆରେ ପ୍ରଶ୍ନ ଗୁଡ଼ିକ ଦେଇଥିଲେ ବୋଲି ସିବିଆଇ କହିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପିଭି କୁଲକର୍ଣ୍ଣି। ସେ ନିଟ ପରୀକ୍ଷା କରୁଥିବା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନଟିଏ) ପକ୍ଷରୁ ପରୀକ୍ଷା ପ୍ରକ୍ରିୟାରେ ସାମିଲ ଥିଲେ। ମେ' ୩ରେ ହୋଇଥିବା ନିଟ ୟୁଜି ପରୀକ୍ଷାର ପ୍ରଶ୍ନପତ୍ର ସହ ତାଙ୍କର ସିଧାସଳଖ ଲିଙ୍କ ଥିଲା। ମେ' ୩ ରେ ହୋଇଥିବା ନିଟ ୟୁଜି ପରୀକ୍ଷା ଏବେ ପରୀକ୍ଷା ପ୍ରଶ୍ନପତ୍ର ଲିକ ଯୋଗୁ ବାତିଲ ହୋଇ ସାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପ୍ରଫେସର କୁଲକର୍ଣ୍ଣି ବର୍ଷବର୍ଷ ଧରି ନିଟ ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ପ୍ୟାନେଲରେ ମଧ୍ୟ ରହିଥିଲେ। କୁଲକର୍ଣ୍ଣି ହେଉଛନ୍ତି ଜଣେ ଅବସରପ୍ରାପ୍ତ କଲେଜ ପ୍ରଫେସର। ତାଙ୍କୁ ସିବିଆଇ ମେ' ୧୪ରୁ ଜେରା କରିବାକୁ ଉଠାଇ ନେଇଥିଲା। ଏବେ ତାଙ୍କୁ ବିଧିବଦ୍ଧ ଭାବେ ଗିରଫ କରାଯାଇଛି। ପ୍ରଫେସର କୁଲକର୍ଣ୍ଣି ଓ ଆଉ ଜଣେ ଅଭିଯୁକ୍ତର ସହାୟତାରେ ପ୍ରଶ୍ନପତ୍ର ଲିକ କରିଥିଲେ ଓ ପ୍ରକୃତ ଉତ୍ତରକୁ ନିଟ ୟୁଜି ଆଶାୟୀଙ୍କୁ ପୁଣେରେ ଆୟୋଜିତ ଗୁପ୍ତ ଟ୍ୟୁସନ ସେସନ୍ସରେ ବୁଝାଇଥିଲେ। ଏପ୍ରିଲ ଶେଷ ସପ୍ତାହରେ ଏହି ଟ୍ୟୁସନ ସେସନ୍ସ ଆୟୋଜନ ହୋଇଥିଲା। କୁଲକର୍ଣ୍ଣିଙ୍କ ସହଯୋଗୀ ମନୀଷ ୱାଘମାରେଙ୍କୁ ସିବିଆଇ ଗୁରୁବାର ଗିରଫ କରିଥିଲା। ସିବିଆଇ ଗୋଟିଏ ବିବୃତିରେ କହିଛନ୍ତି ଯେ କେମେଷ୍ଟ୍ରୀ ଶିକ୍ଷକ କୁଲକର୍ଣ୍ଣି ସ୍ପେଶାଲ କୋଚିଂ କ୍ଲାସ ବେଳେ ପିଲାମାନଙ୍କୁ ପ୍ରଶ୍ନ ସହିତ ଉତ୍ତର ଖାତାରେ ଲେଖିବାକୁ କହିଥିଲେ। ପିଲାମାନେ ଏହାକୁ ନିଜ ଖାତାରେ ଟିପି ରଖିଥିଲେ। ନିଟ ୟୁଜି ୨୦୨୬ ପରୀକ୍ଷାରେ ଆସିଥିବା ପ୍ରଶ୍ନ ସହ ଏହାର ପୂରା ମେଳ ଖାଇଥିଲା। ଘଟଣାର ତଦନ୍ତ ସମୟରେ ସିବିଆଇ ୭ ଜଣଙ୍କୁ ଏଯାଏ ଗିରଫ କରିଛି।

### ଇତିହାସରେ ପ୍ରଥମ, ଟଙ୍କାର ସର୍ବକାଳୀନ ଅଧୋପତନ

## ଡ଼ଲାର ତୁଳନାରେ ୯୬ ପାର କଲା ଟଙ୍କା



**ନୂଆଦିଲ୍ଲୀ:** ଭାରତୀୟ ଅର୍ଥନୀତି ପାଇଁ ଚିନ୍ତାଜନକ ଖବର। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ଇତିହାସର ସବୁଠାରୁ ସର୍ବନିମ୍ନ ସ୍ତରକୁ ଖସି ଯାଇଛି । ଶୁକ୍ରବାର ବଜାର କାରବାରରେ ପ୍ରଥମ ଥର ପାଇଁ ଟଙ୍କାର ମୂଲ୍ୟ ୯୬ ସ୍ତର ଅତିକ୍ରମ କରିଛି । ବିଶ୍ୱ ବଜାରରେ ଅଶୋଧିତ ତୈଳର ବର୍ଦ୍ଧିତ ମୂଲ୍ୟ ଏବଂ ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ଭାରତୀୟ ମୁଦ୍ରା ଉପରେ ଏହି ବଡ଼ ଚାପ ପଡ଼ିଛି। ଶୁକ୍ରବାର କାରବାର ସମୟରେ ଟଙ୍କା ୦.୩% ଦୁର୍ବଳ ହୋଇ ଡଲାର ପ୍ରତି ୯୬.୦୫ ସ୍ତରକୁ ଖସି ଆସିଥିଲା, ଯାହା ଗତ ସେସନ୍‌ର ରେକର୍ଡ ସର୍ବନିମ୍ନ ସ୍ତର ୯୫.୯୫୭୫ କୁ ମଧ୍ୟ ପଛରେ ପକାଇ ଦେଇଛି। ବିଶ୍ୱର ପ୍ରମୁଖ ତୈଳ ପରିବହନ ରୁଟ୍ 'ଷ୍ଟ୍ରେଟ୍ ଅଫ୍ ହରମୁଜ୍' ରେ ଦେଖାଦେଇଥିବା ଉତ୍ତେଜନା କାରଣରୁ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ୍ ପିଛା ପ୍ରାୟ ୧୧୦ ଆମେରିକୀୟ ଡଲାର ପାଖାପାଖି ରହିଛି। ଭାରତ ନିଜ ଆବଶ୍ୟକତାର ୮୫ ପ୍ରତିଶତରୁ ଅଧିକ କ୍ରୁଡ୍ ଅଏଲ୍ ଆମଦାନୀ କରୁଥିବାରୁ, ଏହା ଦେଶର ଆମଦାନୀ ବିଲ୍‌କୁ ବଢ଼ାଇବା ସହ ଟଙ୍କାର ମୂଲ୍ୟକୁ କ୍ରମାଗତ ଭାବେ ହ୍ରାସ କରୁଛି। ଟଙ୍କାର ଏହି ଦ୍ରୁତ ପତନକୁ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରା ବଜାରରେ ହସ୍ତକ୍ଷେପ କରୁଥିବା ଜଣାପଡ଼ିଛି। ବଜାର ବିଶେଷଜ୍ଞଙ୍କ ମୁତାବକ, ଟଙ୍କା ଦୁର୍ବଳ ହେବା ଦ୍ୱାରା ଦେଶରେ ମୁଦ୍ରାସ୍ଫୀତି ବା ମହଙ୍ଗା ମାଡ଼ ବଢ଼ିବା ଆଶଙ୍କା ରହିଛି। ବିଦେଶରୁ ଆସୁଥିବା ତୈଳ, ଇଲେକ୍ଟ୍ରୋନିକ୍ସ ଏବଂ ଶିଳ୍ପ କଞ୍ଚାମାଲ ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ, ଯାହା ସାଧାରଣ ଗ୍ରାହକଙ୍କ ପକେଟ୍ ଉପରେ ପ୍ରଭାବ ପକାଇବ। ତେବେ ଅନ୍ୟପଟେ ଡଲାରରେ ରୋଜଗାର କରୁଥିବା ଆଇଟି ଏବଂ ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡ଼ିକ ଏହି ସ୍ଥିତିରୁ ଲାଭବାନ ହୋଇପାରନ୍ତି।

## ସମ୍ପାଦକୀୟ

# ଟ୍ରମ୍ପଙ୍କୁ ଘାରିଛି ଯୁଦ୍ଧନିଶା

ବିଶ୍ୱରେ ଏବେ ଯୁଦ୍ଧକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବିଶ୍ୱରେ ବିଭିନ୍ନ ସମୟରେ, ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ଯୁଦ୍ଧ ହୋଇଯାଇଛି। କେତେବେଳେ ଏସିଆରେ ତ କେତେବେଳେ ୟୁରୋପ୍‌ରେ ଏବଂ କେତେବେଳେ ବିଶ୍ୱର ଅନ୍ୟ କେଉଁ ପ୍ରନ୍ତରେ ମଧ୍ୟ ଯୁଦ୍ଧ ସଙ୍ଗଠିତ ହୋଇଯାଇଛି। ତେବେ ଏବେ କିନ୍ତୁ ଯେଉଁ ଯୁଦ୍ଧକୁ ନେଇ ସାରା ବିଶ୍ୱର ନଜର , ତାହା ହେଉଛି ମଧ୍ୟପ୍ରାଚ୍ୟରେ କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ସେମିତି କିଛି ଖାସ୍ କାରଣ ନାହିଁ ଯାହା ଉପରେ ଫୋକସ୍ କରାଯାଇପାରେ। ଯଦି କଥା ଏମିତି ତେବେ ସାରା ବିଶ୍ୱର ପୂରା ନଜର ମଧ୍ୟପ୍ରଚ୍ୟ ଉପରେ ଆସି ଟିକି ରହିବା ପଛରେ କି କାରଣ ଥାଇପାରେ ? କାରଣ ତ ରହିଛି ନିଶ୍ଚୟ। ତାହା ବି ଏମିତି ସେମିତି କିଛି କାରଣ ନୁହେଁ ; ଅତି ଗୁରୁତ୍ୱପୂର୍ଣ୍ଣ କାରଣ କିନ୍ତୁ ମହତ୍ତ୍ୱପୂର୍ଣ୍ଣ ନୁହେଁ। ଏଠରେ କିଛି ସଂଶୟ ଉପୁଜିପାରେ ; ଯାହା ଗୁରୁତ୍ୱପୂର୍ଣ୍ଣ , ତାହା କି ମହତ୍ତ୍ୱପୂର୍ଣ୍ଣ ହୋଇପାରେ। କେବେ ବି ନୁହେଁ। କିଛି ନା କିଛି କାରଣରୁ କୌଣସି କଥାର ଗୁରୁତ୍ୱ ବଢ଼ିଯାଇପାରେ, କୌଣସି କାର୍ଯ୍ୟର ବିଶେଷତ୍ୱ ବଢ଼ିଯାଇପାରେ। ଯାହା ତର୍ଜମା ସାପେକ୍ଷ, ଯାହା ବିଚାର ସାପେକ୍ଷ। ହେଲେ କୌଣସି ବି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୁଏତ ମହତ୍ତ୍ୱପୂର୍ଣ ହୋଇପାରେ ଅବା ନ ନ ହୋଇପାରେ; ତାହା ପଛରେ ବି ରହିଛି କିଛି ନା କିଛି ଏଥିକ୍ସ ଅବା ତର୍କ। ଆମର କୌଣସି ତର୍କ ଭିତରକୁ ଯିବାର ନାହିଁ କାରଣ ତର୍କ ପରେ ବିତର୍କ ଏବଂ ପରେ ବିଭ୍ରାଟ ! ଏଣୁ କୌଣସି ବି ସମସ୍ୟାକୁ ବେଶି ଆଗକୁ ନ ବଢ଼ାଇ ଆମେ ସେ ସବୁର ସରଳୀକରଣ କରିବା ଦରକାର ନଚେତ ସମସ୍ୟା ଆଗାମୀ ସମୟରେ କେବଳ ବଢ଼ି ବଢ଼ି ଚାଲିବ। ଯାହାର ପରିଣାମ କେବଳ ଗମ୍ଭୀର ହୋଇପରେ। ଏଇ ଯେମିତି ମଧ୍ୟପ୍ରାଚ୍ୟ ଯୁଦ୍ଧ ସମସ୍ୟା। ମଧ୍ୟପ୍ରାଚ୍ୟ ଯୁଦ୍ଧ ବିଷୟରେ ପୂର୍ବରୁ ଆମେ ଯେମିତି ଆଲୋକପାତ କରିଛୁ, ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇପାରେ କିନ୍ତୁ କେବେ ବି ଏକ ମହତ୍ତ୍ୱପୂର୍ଣ୍ ଘଟଣା ହୋଇନପାରେ। ଯୁଦ୍ଧ ସର୍ବଦା ଅଶାନ୍ତିର ପ୍ରତୀକ ଏବଂ ଏକ ଅଶାନ୍ତିର ପ୍ରତୀକ କେବେ ବି ନା ହୋଇପାରେ ମହତ୍ତ୍ୱପୂର୍ଣ୍ଣ ନା ହୋଇପାରେ ଗୁରୁତ୍ୱପୂର୍ଣ୍ଣ। ତଥାପି ଏହି ଯୁଦ୍ଧର ଗୁରୁତ୍ୱ ରହିଛି ଯେହେତୁ ଇରାନ୍ ଭଳି ମଧ୍ୟପ୍ରାଚ୍ୟରେ ଅବସ୍ଥିତ ଏକ ଏସିଆନ ଦେଶ ସହିତ ବିଶ୍ୱର ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ରାଷ୍ଟ୍ର ଆମେରିକା ଏବେ ଭିଡ଼ିଯାଇଛି, ଏବେ ଲଢ଼ିଯାଇଛି ଯାହା ପଛରେ ମୁଖ୍ୟ କାରଣ ହେଉଛି ଇରାନ୍-ଇସ୍ରାଏଲ୍ ଫାଇଟ୍। ଏହି ଉଭୟ ଦେଶ ମଧ୍ୟରେ ଶତ୍ରୁତା ବହୁ ପୂର୍ବର। ଯାହା କି ଏବେ ପରିଣତ ହୋଇଛି କଟ୍ଟର ଦୁଶ୍‌ମନୀରେ। ଏଭଳି ଦୁଶମନୀ ବିଶ୍ୱରେ ବହୁତ କମ୍ ଦେଖିବାକୁ ମିଳେ। ତେବେ ବିଶେଷ କଥା ହେଉଛି ଆମେରିକାର ସେଥିରେ ହସ୍ତକ୍ଷେପ। ନ କରିବ ବା କେମିତି ? ଇସ୍ରାଏଲ୍ ଭଳି ଗୋଟାଏ ଛୋଟିଆ ଦେଶ ଯାହାକୁ ଧ୍ୱଂସ କରିବାକୁ ବେଶି ସମୟ ଲାଗିବ ନାହିଁ ଇରାନକୁ । ସେଣୁ ଆମେରିକା ତା'ର ଜାତିଭାଇ ଇସ୍ରାଏଲ୍ ଯେ କି କେବଳ ତା'ର କଥାରେ ଉଠବସ୍ ହେଉଛି, ତା'ରି ଇସାରାରେ ଚାଲୁଛି,ସେଣୁ ଇସ୍ରାଏଲକୁ ସବୁ ପ୍ରକାର ସହାୟତାର ହାତ ବଢ଼ାଇବାକୁ ଆମେରିକା ସବୁବେଳେ ଆଗଭର ହୋଇଛି ଏବଂ ଆଗକୁ ମଧ୍ୟ ସେହିଭଳି ସାହାଯ୍ୟ ସହଯୋଗ ପାଇଁ ସବୁବେଳେ ସଦା ପ୍ରସ୍ତୁତ ହୋଇ ରହିଥିବ ଆମେରିକା ଯାହା ପଛରେ ଇସ୍ରାଏଲୀବାଲାଙ୍କ୍ ରହିଛି ଆତ୍ମସମର୍ପଣ ମନୋଭାବ ହେଲେ ଇରାନ୍ ର କିନ୍ତୁ ସେ ପ୍ରକାର ମନୋଭାବ ନାହିଁ। ଇରାନ୍ କିନ୍ତୁ ଏକ କଟ୍ଟରବାଦୀ ଇସ୍ଲାମିକ୍ ଦେଶ ଯେ କି ନିଜର ଆତ୍ମରକ୍ଷା ପାଇଁ , ନିଜର ସ୍ୱାଭିମାନ ରକ୍ଷା ପାଇଁ କିଛି ବି ପଦକ୍ଷେପ ନେଇପାରେ। ସେଥିପାଇଁ ସାମ୍ନାରେ ଯେ ବି ଥାଉ, ସେ ଆମେରିକା ହେଉ କି ବ୍ରିଟେନ୍ ; କାହାକୁ ବି ଖାତିର ନାହିଁ କି କାହାକୁ ବି ପରୱା ନାହିଁ। ଫେବୃଆରୀ ୨୮ ତାରିଖରୁ ଆରମ୍ଭ ହୋଇଥିବା ଇରାନ୍-ଆମେରିକା ଯୁଦ୍ଧ ଏବେ ବି ସେମିତି ଗଡ଼ି ଚାଲିଛି । ଯୁଦ୍ଧ ବନ୍ଦ ହେବାର ସେମିତି କୌଣସି ବିଶେଷ ଲକ୍ଷଣ ଦେଖାଯାଉନି। କାରଣ ଆମେରିକାର ଦୋମୁହାଁ କଥା, ଆମେରିକାର ଦୋମୁହାଁ ନୀତି ଯେଉଁଥିପାଇଁ ସମସ୍ୟା ସମାଧାନ ହେବା ପରିବର୍ତ୍ତେ ଧୀରେ ଧୀରେ ଜଟିଳ ହେବାରେ ଲାଗିଛି। ହବନି କେମିତି ? କେବଳ ଆମେରିକାର ଦୋମୁହାଁ ନୀତି । ସକାଳେ ଅସ୍ତ୍ରବିରତି ଏବଂ ସନ୍ଧ୍ୟାରେ ଅସ୍ତ୍ର ଧରନ୍ତି ମାନେ ମାରପିଟ୍। ଏକାସାଙ୍ଗରେ ଦୁଇଟା କଥା, ଗୋଟାଏ ପଜିଟିଭ୍ ତ ଆରଟା ନେଗେଟିଭ୍। ଆମେରିକାର ଏପରି ଦୋମୁହାଁ କଥାକୁ ଏବେ ସିଧା ସିଧା ବିରୋଧ କରିଛନ୍ତି ଇରାନୀ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ । କାରଣ ସେ କେବେ ବି ଆମେରିକାର କଥାରେ ବିଶ୍ୱାସ କରୁନାହାଁନ୍ତି । କାରଣ ସେ ଜାଣନ୍ତି ଯେ ଆମେରିକା ସର୍ବଦା ଦୋମୁହାଁ କଥା ବାର୍ତ୍ତା କରେ । ତା'ର ସକାଳେ ଗୋଟାଏ କଥା ତ ସନ୍ଧ୍ୟାରେ ଆଉ ଗୋଟାଏ କଥା । ଏଥିରୁ ଧରି ନେବାକୁ ହୋଇପାରେ ଯେ ଆମେରିକାର ରାଷ୍ଟ୍ରପତି ଏକପ୍ରକାର ଯୁଦ୍ଧଖୋର ମନୋବୃତ୍ତିର ମଣିଷ। ତେବେ ତାଙ୍କ ଯୁଦ୍ଧ ପଛର ଉଦ୍ଦେଶ୍ୟ କେବଳ ସେ ହିଁ ଜାଣନ୍ତି। ବିଶ୍ୱରେ ନିଜର ପତିଆରା ଜାହିର କରିବା ବୋଧହୁଏ ହେଉଛି ତାଙ୍କର ଏକ ବଡ଼ ଉଦ୍ଦେଶ୍ୟ।

## ପାନ୍ଥଶାଳା

କୌଣସି ଜରୁରୀ କାମରେ ଜଣେ ଯୁବକ ଥରେ ବାହାରିଗଲେ ଏକ ଦୂର ସ୍ଥାନକୁ। ତାଙ୍କ ଯାତ୍ରା ପଥରେ କିଛି ବିପଦର ଆଶଙ୍କା ରହିଥିଲ। ଏଣୁ ସେଥିନେଇ ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ। ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ୍ ଗୁରୁଙ୍କ୍ ପରାମର୍ଶ ନେବାକୁ ଭୁଲିନଥିଲେ। ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ୍ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ। ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ୍ ଶରୀର ଥିଲା ଦୁର୍ବଳ। ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ। ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ୍ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ। ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ। ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ। ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଲ ପାନ୍ଥଶାଳାରେ ଅଟକିଗଲେ। ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାନ୍ଥଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା। ଅବଶ୍ୟ ଅଳ୍ପକେ ବଞ୍ଚିଯାଇଥିଲେ ସେଦିନ। ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାନ୍ଥଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା। ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛି ବି ଜାଣିପାରି ନଥିଲା କିନ୍ତୁ ତା' ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ୍ କିନ୍ତୁ ପାନ୍ଥଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙ୍କ ହାବଭାବକୁ ଅନୁଭବ କରି, ତା'ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ। ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ। ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚିଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ୍ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କ୍ର ବିଫଳତାର କଥା ବଖାଣି ଦୁଃଖ କରିବାରୁ ଗୁରୁଜୀଙ୍କ ମତରେ କାହା ସହିତ ହାରି ଯିବାରେ ବିଫଳତା ନଥାଏ, ବରଂ ଆଗାମୀ ସମୟରେ ଜିତିବାର ପଥ ପରିଷ୍କାର କରିବାଟା ହେଉଛି ଅସଲ କଥା, ତାହା ହେଉଛି ପ୍ରକୃତ କଥା। କେବେ କେବେ ଦୁର୍ବଳ ଲୋକର ବୁଦ୍ଧିବଳ ମଧ୍ୟ କାମରେ ଲାଗେ ଯାହା ବାହୁବଳରେ ନଥାଏ।

# ପ୍ରଧାନମନ୍ତ୍ରୀ ଲୋକଙ୍କ ଦୁଃଖ ବୁଝନ୍ତୁ



ସତୀଶ ବିଶ୍ୱାଳ

ଚଳିତ ଥର ୧୩୩ ତମ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ ଦେଶବାସୀଙ୍କୁ ବେଶ ପ୍ରଭାବିତ କରିଛି। ଏହାର ପ୍ରମୁଖ କାରଣ ହେଉଛି ପରିବେଶ ଓ ଜୀବଜଗତର ସୁରକ୍ଷା ଏବଂ ଶାନ୍ତି ଓ କରୁଣାକୁ ଗୁରୁତ୍ୱ ଦେଇ ଆମ ସଂସ୍କୃତିର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମର ଉଜାଗର କରିଛନ୍ତି। ଯାହା କି ନିରେଖି ଦେଖିଲେ ସାଂପ୍ରତିକ ବିଶ୍ୱ ପାଇଁ ଅତ୍ୟାବଶୀକ।

ଏହି ମନ କି ବାତରେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗ ମଧ୍ୟରେ ଏବେ ବିଶ୍ୱ ପାଇଁ ସବୁଠାରୁ ବଡ ବିପଦ ହୋଇଥିବା ଧ୍ୱଂସାଭିମୁଖୀ ପରିବେଶ ନେଇ ମୂଲ୍ୟବାନ ପରାମର୍ଶ ଓ ଉଦାହରଣ ଦେଇଛନ୍ତି। ଏଥିରେ ପରିବେଶ ଓ ଜୀବ ଜଗତ ସହ ମହାନ ଭାରତୀୟ ସଂସ୍କୃତିର ନିବିଡତା, ଆତ୍ମୀୟତାକୁ ଜୀବନ୍ତ କରିଛନ୍ତି। ଭାରତ ଚିରାଚରିତ ପରମ୍ପରା, ଦର୍ଶନ ଓ ଆଧ୍ୟାତ୍ମିକତା ବିଶ୍ୱକୁ ପରିବେଶର ମହାନତା ଶିଖାଇଛି। ଏବେ ଭାରତ ଏ କ୍ଷେତ୍ରରେ ବିଶ୍ୱକୁ ଦିଗଦର୍ଶନ ଦେବାଭଳି କାର୍ଯ୍ୟକରୁ ବୋଲି ପ୍ରେରଣା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ମେ ମାସ ଆରମ୍ଭ ପରେ ଭଗବାନ ଗୌତମ ବୁଦ୍ଧଙ୍କ ବୁଦ୍ଧ ପୂର୍ଣ୍ଣିମା ପାଳନ ହେବ। ସେଥିପାଇଁ ପ୍ରଧାନମନ୍ତ୍ରୀ ଅଗ୍ରୀମ ଶୁଭେଚ୍ଛା ଜଣାଇ କହିଥିଲେ, ବୁଦ୍ଧଙ୍କ ଜୀବନୀ ଆଜି ବି ପ୍ରାସଙ୍ଗିକ। ଭଗବାନ ବୁଦ୍ଧ ଆମକୁ ଶିଖାଇଛନ୍ତି ଯେ, ଶାନ୍ତି ଆମ ଭିତରେ ଆରମ୍ଭ ହୁଏ। ନିଜେ ନିଜ ଉପରେ ବିଜୟ ସବୁଠାରୁ ବଡ ବିଜୟ। ଆଜି ଦୁନିଆ ଉତ୍ତେଜନା ଓ ସଂଘର୍ଷ ଦେଇ ଗତି କରୁଥିବାରୁ ବୁଦ୍ଧଙ୍କ ବିଚାର ଆହୁରି ଅତ୍ୟାବଶୀକ ହୋଇ ପଡିଛି। ଦକ୍ଷୀଣ ଆମେରିକାରେ ଏକ ସଂସ୍ଥା ବୁଦ୍ଧଙ୍କ ବିଚାରକୁ ଆଗକୁ ବଢାଉଛି। ଧ୍ୟାନ ଓ କରୁଣାକୁ ଲୋକଙ୍କ ଜୀବନ ସହ ଯୋଡୁଛି। ଏବେ ସମଗ୍ର ବିଶ୍ୱ ବୁଦ୍ଧଙ୍କ ଅହିଂସା ମନ୍ତ୍ର ଓ ନୀତି, ଆଦର୍ଶ ପ୍ରତି ଆଗ୍ରହୀ ହୋଇଛି। ଏହା ଦେଖି ଗର୍ବ ହେଉଛି, ଭାରତର ପ୍ରାଚୀନ ଧାରା ଦୁନିଆରେ ପହଂଚୁଛି। ବୌଦ୍ଧ ପରମ୍ପରା ଆମକୁ ପ୍ରକୃତି ସହ ଯୋଡୁଛି। ଭଗବାନ ବୁଦ୍ଧଙ୍କ ବୌଦ୍ଧତ୍ୱ ଏକ ବୃକ୍ଷ ତଳେ ମିଳିଥିଲା। ପ୍ରକୃତି ଆମ ଜୀବନର ଅଭିନ୍ନ ଅଂଶ।

ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ପ୍ରକୃତି, ପରିବେଶ ଓ ଜୀବ ଜଗତ ସହ ମାନବ ସମାଜର ଅମୃତ ସମ୍ପର୍କର ଜୀବନ୍ତ ଉଦାହରଣ ଦେଇଥିଲେ। ସେ କର୍ଣ୍ଣାଟକର କର୍ମା ମୋନିଷ୍ଟ ନାମକ ଏକ ମଠର ଉଦାହରଣ ଦେଇ ସେଠାରେ କିଭଳି ଶହେ ଏକର ଜମିରେ ଜଙ୍ଗଲ ସୃଷ୍ଟି କରାଯାଇ ସାତଶହରୁ ଅଧିକ ଦେଶୀବୃକ୍ଷର ସଂରକ୍ଷଣ କରାଯାଇଛି ତାର ବର୍ଣ୍ଣନା କରିଥିଲେ। କଚ୍ଛରେ ବିରଳ ପକ୍ଷୀ ପ୍ରେମ ପାଇଁ ଗୋଟିଏ ସମୟରେ ସହର ଗୋଲାପୀ ରଙ୍ଗ ହୋଇଥାଏ। ଉତ୍ତରପ୍ରଦେଶର ତରାଇରେ ଦୀର୍ଘବର୍ଷର ମଣିଷ ଓ ହାତୀ ବିବାଦ ସମାଧାନ ଉଦ୍ୟମ, ମଧ୍ୟଭାରତର ଛତିଶଗଡ କଳା ହରିଣ ବଂଶବୃଦ୍ଧିର ସଫଳ ଉଦ୍ୟମ ଆଦିର ଦୃଷ୍ଟାନ୍ତ ପ୍ରେରଣାଦାୟକ।


ପ୍ରଧାନମନ୍ତ୍ରୀ ନିଜର ମନ କି ବାତରେ ଅନେକ ସମୟରେ ଅନେକ ସ୍ଥାନ ନୁହେଁ ବରଂ ଅନେକ ବ୍ୟକ୍ତିଙ୍କ ସମ୍ବନ୍ଧରେ ବର୍ଣ୍ଣନା କରି ସାରା ଦେଶବାସୀଙ୍କୁ ଚକିତ କରି ଦେଇଛନ୍ତି। ଏଥିରେ ଚକିତ ହେବାର କାରଣଟି ହେଉଛି, ଦେଶର ପ୍ରଧାନମନ୍ତ୍ରୀଙ୍କ ପାଖରେ ତଳ ସ୍ତରର ଏତେ ଖବର ତ ପହଂଚି ପାରିଛି ! ହେଲେ ପ୍ରଧାନମନ୍ତ୍ରୀଙ୍କ ଏହି ମନ କି ବାତ ଶୁଣିବା ବେଳେ ଆମ ଓଡିଶାର ଅନେକ ଶ୍ରୋତାଙ୍କ ମନରେ ଗୋଟିଏ କଥା ଆସୁଥିଲା। ତାହା ହେଉଛି ଆମ ପ୍ରୀୟ ପ୍ରଧାନମନ୍ତ୍ରୀଙ୍କର ମନ କି ବାତରେ କେବେ ଓଡିଶାର ଯାଜପୁର ଜିଲ୍ଲାର ଧର୍ମଶାଳାର ପ୍ରସଙ୍ଗଟି ସ୍ଥାନ ପାଇବ। କାରଣ ଏହି ମନ କି ବାତରେ ପ୍ରଧାନମନ୍ତ୍ରୀ ଯାହା ସବୁ କହିଗଲେ, ତାର ସଂପୂର୍ଣ୍ଣ ବିପରୀତ କାର୍ଯ୍ୟଧାରା ଡବଲ ଇଂଜିନ ସରକାରରେ ଧର୍ମଶାଳାରେ ସରକାରୀ ପ୍ରୋତ୍ସାହନରେ ଚାଲେ। ପ୍ରଧାନମନ୍ତ୍ରୀ ଯେପରି କେଉଁ ଅଖୋଜା ଗାଁର ପ୍ରତିଭାବାନ ବ୍ୟକ୍ତି ବିଷୟରେ ଖବର ପାଇଥାନ୍ତି, ଠିକ ସେଇ ବ୍ୟବସ୍ଥାରେ ଏଥିନେଇ ଖବର ନେଲେ ତାହା ଜଳଜଳ ଦେଖାହେବ।

ପ୍ରଧାନମନ୍ତ୍ରୀ ମନର କଥାରେ କହିଲେ ଯେ, ପ୍ରକୃତି ଓ ମାନବ ଅଲଗା ନୁହନ୍ତି। ଆମେ ପରସ୍ପରର ସାଥୀ। ହେଲେ ଧର୍ମଶାଳାରେ ଦୈନିକ ପ୍ରକୃତି ଉପରେ ଅତ୍ୟାଚାର କରାଯାଉଛି। କୋଟି କୋଟି ଟଙ୍କାର କଳାପଥର ଠାରୁ ବାଲି, ମାଟି ଲୁଟ ଚାଲିଛି। ପାହାଡ ମାଟିରେ ମିଶୁଛି। ଜୀବଜନ୍ତୁଙ୍କ ଆଶୟ ସ୍ଥଳ ପାହାଡ ପର୍ବତ ଲୋପ ପାଉଥିବାରୁ ବିଚରା ଅସହାୟ ବନ୍ୟଜନ୍ତୁ ମାନଙ୍କ ବଂଶ ଲୋପ ପାଉଛି। ଚଳିତ ସପ୍ତାହରେ ଧର୍ମଶାଳାରେ ବନ୍ୟଜନ୍ତୁ ଭାଲୁମାନେ ପଲ ପଲ ସଂଖ୍ୟାରେ ଗାଁ ମୁହାଁ ହେଉଥିବାର ବିରଳ ଚିତ୍ର ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା। ଏଥିପାଇଁ ଏଠାରେ ଗୌତମ ବୁଦ୍ଧଙ୍କ ନୀତି, ଆଦର୍ଶ , କରୁଣା , ଅହିଂସା କେବଳ ଆଇ ମା ଗପରେ ପରିଣତ ହୋଇଛି। ଦେଶ ସମ୍ପତ୍ତିର ମହାଲୁଟକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ମାଡ ମରାଯାଇ, ପୋଲିସ ବଳରେ ମିଛ କେସ୍ ଦ୍ୱାରା ଗିରଫ କରାଯାଇ ତାର ମୁହଁ ବନ୍ଦ କରାଯାଇଛି। ଏପରିକି ଗରୀବ ଯୁବକଙ୍କ ଉପରେ ଗରମ ତେଲ ଢାଳି ମାରି ଦିଆଯିବା ଭଳି ଜଘନ୍ୟ ପାଶବିକ କାର୍ଯ୍ୟକୁ ସୁରକ୍ଷା ଦିଆ ଯାଇଛି। ମିଛ କେସ , ଅପରାଧ ଓ ଲୁଟରେ ଧର୍ମଶାଳା ଗୋଟିଏ ନମୁନା ହୋଇଛି। ପୋଲିସ ଉପରୁ ଲୋକଙ୍କ ଭରସା ତୁଟି ଯାଇଛି। ଆମ ମୁଖ୍ୟମନ୍ତ୍ରୀ ଲଘୁ ଖଣିଜ ଦ୍ରବ୍ୟ ଲୁଟ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ , ପୋଲିସର ନିଷ୍ପା ନେଇ ଯାହା ଯାହା କହିଛନ୍ତି, ଠିକ ତାର ଓଲଟ ଚିତ୍ର ପ୍ରତିଦିନ ଏଠାରେ ଦେଖିବାକୁ ମିଳିଛି। ବି.ଜେ.ପି କେବଳ ଗୋଟିଏ ରାଜନୈତିକ ଦଳ ନୁହେଁ। ଏହା ଦେଶ ପାଇଁ ଜାଗରଣ, ଶିହରଣ। ବହୁ ମହାନ ବ୍ୟକ୍ତିଙ୍କ ତ୍ୟାଗରେ କଂଗ୍ରେସ ବିରୋଧରେ ଗୋଟିଏ ଏତେବଡ ଦଳ ଠିଆ ହୋଇଛି। ବି.ଜେ.ପିର ନିର୍ଦ୍ଧିଷ୍ଟ ନୀତି ଓ ଆଦର୍ଶ ରହିଛି। ଏହି ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀଙ୍କ ମନର କଥାର ସାମାନ୍ୟତମ ଗୁରୁତ୍ୱ ଥିଲେ ପ୍ରଧାନମନ୍ତ୍ରୀଙ୍କ ପାଇଁ ନିଶ୍ଚୟ ଧର୍ମଶାଳା ଏକ ପ୍ରସଙ୍ଗ ହେବ। କେହି ବ୍ୟକ୍ତି କିମ୍ବା ନେତାଙ୍କ ସ୍ୱାର୍ଥରକ୍ଷା ପାଇଁ ଏତେବଡ ଦଳ ନିଜର ନୀତି ଓ ଆଦର୍ଶକୁ ଜଳାଞ୍ଜଳୀ ଦେବା ନିଜ ଗୋଡରେ ନିଜେ କୁରାଢୀ ମାରିବା ସଦୃଶ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି ପ୍ରସଙ୍ଗର ଯାବତୀୟ ଭିତିରି କଥା ହାଟରେ ବଡି ଦାଣ୍ଡରେ ଗଡୁଛି। ଯେଉଁଥିପାଇଁ ଉଭୟ ଦଳ ଏବଂ ସରକାରର ସର୍ବୋଚ୍ଚ ସ୍ତରରେ ଥିବା ନେତା ଏବେ , ଜନତା ଅଦାଲତରେ କାଠଗଡାରେ। କଂଗ୍ରେସ ଦଳର ଏହି ଭଳି ଭୁଲ ଏବଂ ସ୍ୱେଚ୍ଛାଚାର ପାଇଁ ଶତଚେଷ୍ଟା ପରେ ବି କଂଗ୍ରେସ ପରି ଦଳ ମାଟିରୁ ଉଠେଇ ପାରୁନାହିଁ। ରାଜ୍ୟରେ ବି.ଜେ.ଡି ମଧ୍ୟ ଏହିଭଳି କେତେକ ନେତାଙ୍କ ତ୍ରୁଟି ପାଇଁ ବିରୋଧୀ ଦଳରେ ବସିବାକୁ ପଡିଛି। ଏହା ଆଦୌ ଭୁଲିବା କଥା ନୁହେଁ ଯେ, ସମୟ ସବୁବେଳେ ଲଉଟି ଥାଏ। କଂଗ୍ରେସ ପରି ଭୁଲ କଲେ, ବି.ଜେ.ପି ପାଇଁ ମଧ୍ୟ ସମୟ ଲଉଟିବ।

ଆମ ଦେଶପ୍ରେମୀ ପ୍ରଧାନମନ୍ତ୍ରୀ ସର୍ବଦା ଟେକନଲୋଜିର କଥାକୁ ଗୁରୁତ୍ୱ ଦେଇଛନ୍ତି। ଟେକନଲୋଜିର ପ୍ରୟୋଗ ଦ୍ୱାରା ଏହି ମହାଲୁଟ ପ୍ରମାଣିତ ହେବା ଅତ୍ୟନ୍ତ ସହଜ ମାଧ୍ୟମ। ପାହାଡରୁ ପଥର ଓ ନଦୀରୁ ବାଲି, ଗାଁ ତଳ ଗୋରୁ ଚରିବା ସ୍ଥାନରୁ ହଜାର ହଜାର ଟ୍ରିପ ମାଟି ଲୁଟ ଆଦି ପ୍ରସଙ୍ଗ ସାଟେଲାଇଟ ସର୍ଭେ ରିପୋର୍ଟ ଦ୍ୱାରା ସତ୍ୟତା ଅନୁସନ୍ଧାନ କରାଯାଉ। ରାଜ୍ୟରେ ବି.ଜେ.ପି ସରକାର କ୍ଷମତାକୁ ଆସିବା ପରେ ଧର୍ମଶାଳାରୁ କେତେ ଲଘୁ ଖଣିଜ ଦ୍ରବ୍ୟ ଲୁଟ ହୋଇଛି ଏବଂ ସରକାର କେତେ ରାଜସ୍ୱ ପାଇଛନ୍ତି ? ଏହାର ହିସାବ ନିକାଶରେ କ୍ଷୀର ଓ ପାଣିକୁ ଅଲଗା କରିଦେବ। ସେ ସାଟେଲାଇଟ ସର୍ଭେ ରିପୋର୍ଟ ହେଉ କିମ୍ବା ରାଜସ୍ୱ ଆଦାୟର ହିସାବ ତ ସରକାରଙ୍କ ନିୟନ୍ତ୍ରଣାଧୀନ। ଏହାକୁ ନଜରକୁ ନେବା ସରକାରଙ୍କ ପାଇଁ କେତେ ବା ସମୟ। ଆଉ ବାକି ରହିଲା ମିଥ୍ୟାକେସ। ଏହାର ପ୍ରମାଣ ପାଇବା ସରକାରଙ୍କ ପାଇଁ ଏତେ କଷ୍ଟକର ନୁହେଁ। ଯେଉଁଥିପାଇଁ ଧର୍ମଶାଳାର ଅନେକ ନିର୍ଦ୍ଦୋଶ ଏବେ ଜେଲରେ କିମ୍ବା ଫେରାର ହୋଇ ବୁଲୁଛନ୍ତି। ଏବେ ଲୋକେ କହିବା ଆରମ୍ଭ କଲେଣି ଯେ, ପ୍ରଧାନମନ୍ତ୍ରୀ ତାଙ୍କର ମନକଥା ଯେତେ କହିବା କଥା କୁହନ୍ତୁ। ଆମେ ଶୁଣିବୁ। ଏହି ମନ କି ବାତ ବହୁ ପ୍ରେରଣା ଦେଉଛି। ହେଲେ ଆମ ମନର କଥା ବି ଟିକେ ପ୍ରଧାନମନ୍ତ୍ରୀ ଶୁଣନ୍ତୁ। ତାଙ୍କ ଶାସନରେ ଓଡିଶାର ଧର୍ମଶାଳା ପରି ଅଂଚଳର ଦୁର୍ଦ୍ଦଶା ପ୍ରଧାନମନ୍ତ୍ରୀ ଥରେ ଅଧେ କହି ନୂଆ ଇତିହାସ ସୃଷ୍ଟି କରନ୍ତୁ। ପ୍ରଜା ବତ୍ସଳ ରାଜା ଶ୍ରୀରାମଙ୍କ ନୀତି ଅନୁସରଣ କରି ଲୋକଙ୍କ ପ୍ରଧାନମନ୍ତ୍ରୀ ହେବାର ଦୃଷ୍ଟାନ୍ତ ସାଜନ୍ତୁ।

**ଭୁବନପୁର, ମଧୁପୁରଗଡ,**
**ଧର୍ମଶାଳା,**
**ଯାଜପୁର୯୪୩୭୦୧୯୧୧୭**

# ମାତା ଭୂମୀ ପୁତ୍ରୋହଂ ପୃଥିବ୍ୟା



ଗୋପାଳ ମହାପାତ୍ର

ଭାରତୀୟ ଜ୍ଞାନ ପରମ୍ପରାରେ ନବଗ୍ରହଙ୍କର ପ୍ରତିସ୍ଥାପନା ରହିଛି। ଏହି ନବଗ୍ରହଙ୍କ ମଧ୍ୟରୁ ପୃଥିବୀ ଏକ ଗ୍ରହ ଅଟେ। ଏହି ପୃଥିବୀ ଏବେ ସଙ୍କଟରେ। ଏହି ସଙ୍କଟ ସତ୍ୱେ ପୃଥିବୀ ନିତ୍ୟ ପ୍ରତି ସୂର୍ଯ୍ୟଙ୍କ ପରିକ୍ରମା ମଧ୍ୟ କରିଚାଲିଛି। ପୃଥିବୀର ଗତି ହିଁ ଆଜି ବୈଜ୍ଞାନିକ ମାନଙ୍କର କାଳ(ସମୟ) ଗଣନାର ଆଧାର ଅଟେ। ସନ୍ଥ ତୁଳସୀ ଦାସ ଭବିଷ୍ୟଦ୍ରଷ୍ଟା ଥିଲେ। ସେ ମଧ୍ୟ କାଳରେ ହିଁ ପୃଥିବୀର ସଙ୍କଟ ସମ୍ପର୍କରେ ଆଶଙ୍କା କରିଥିଲେ -ଅତିଶୟ ଦେଖି ଧରମ କି ଗ୍ଲାନି। ପରମ ସଭିତ ଧରା ଅକୁଳାନି। କଥା କହିଥିଲେ ଅଥର୍ବ ବେଦ ପୃଥିବୀ ଏବଂ ମାନବର ଆତ୍ମିୟ ସମ୍ପର୍କ ବାବଦରେ ସୂଚନା ଦିଏ। ପୃଥିବୀ ସୁକ୍ତରେ ମାତା ଭୂମି ପୁତ୍ରୋହଂ ପୃଥିବ୍ୟାନ୍ତ କଥା ଉଲ୍ଲେଖ ରହିଛି। ଏହାର ଅର୍ଥ ହେଉଛି ଭୂମି ମୋର ମାତା ଏବଂ ମୁଁ ତାଙ୍କର ପୁତ୍ର ଅଟେ। ଏହି ବାକ୍ୟ ମନୁଷ୍ୟ ଏବଂ ପ୍ରକୃତି ମଧ୍ୟରେ ଗଭୀର ନୈତିକ, ପରିବେଷଜନିତ ସମ୍ପର୍କର ସହ ଅଭିବ୍ୟକ୍ତି। ଏହାର ଗୁଢ ଅର୍ଥ ହେଉଛି ଯେଉଭଳି ପୁତ୍ର ତାର, ମାତାର ସୁରକ୍ଷା, ସେବା ଏବଂ ସମ୍ମାନ କରିଥାଏ ସେହିଭଳି ମନୁଷ୍ୟର କର୍ତ୍ତବ୍ୟ ହେଉଛି ପୃଥିବୀର ସୁରକ୍ଷା କରିବା ଏବଂ ସଂସାଧନର ସନ୍ତୁଳନ ତଥା ସତତ ଉପଯୋଗ ସୁନିଶ୍ଚିତ କରିବା। ମାନବ ଏବଂ ପୃଥିବୀର ଏହି ସମ୍ପର୍କ ରାଷ୍ଟ୍ରଭାବର ସନ୍ଦେଶ ଦେଇଥାଏ। ଇତିହାସ ଅନୁସାରେ ପୃଥିବୀ ସମସ୍ତ ଜୀବଙ୍କର ଏକମାତ୍ର ନିବାସ ସ୍ଥାନ ଯେଉଁଠି ଜୀବନ ପାଇଁ ଆବଶ୍ୟକ ସବୁତତ୍ୱ ଏବଂ ବିବିଧତା ଉପଲବ୍ଧ ରହିଛି। ଏବେ ମଙ୍ଗଳରେ ଜୀବନ ଖୋଜା ଚାଲିଛି। ବୈଦିକ ଦୃଷ୍ଟିକୋଣରେ ପ୍ରକୃତି ଦେବତୁଲ୍ୟ ମାନି ନିଆଯାଇଛି। ଭାରତୀୟ ଆର୍ଯ୍ୟ ପରମ୍ପରାର ସନ୍ଦେଶ ପର୍ଯ୍ୟାବରଣୀୟ ନୈତିକତାର ମୂଳ ଧାରା ଯେଉଭଳି ଶରୀର ବାତ, ପିତ୍ତ, କଫର ସନ୍ତୁଳନ କାରଣରୁ ସୁସ୍ଥ ରହିଥାଏ ସେହିଭଳି ପଞ୍ଚ ମହାଭୂତର ସନ୍ତୁଳନରେ ପ୍ରକୃତି ସୁସ୍ଥ ବା ସନ୍ତୁଳିତ ରହିଥାଏ।କିନ୍ତୁ ଆଧୁନିକ ବୈଶ୍ୱିକ ପରିଦୃଷ୍ୟରେ ଏହି ସନ୍ତୁଳନ ବିଗିଡିବାରେ ଲାଗିଛି। ଜନସଂଖ୍ୟା ବୃଦ୍ଧି, ଔଦ୍ୟୋଗୀକରଣ, ଶହରୀକରଣ, ଟେକ୍ନିକ୍‌ର ବିକାଶ ଏବଂ ଉପଭୋକ୍ତା ବାଦୀ ଜୀବନଶୈଳୀ କାରଣରୁ ପ୍ରାକୃତିକ ସଂସାଧନର ମାତ୍ରାଧିକ ଦୋହନ ହେଉଛି। ଜଙ୍ଗଲ କଟାଯାଉଛି, ଜୈବ ବିବିଧତା ହ୍ରାସ ପାଉଛି, ଜଳ ଓ ବାୟୁ ପ୍ରଦୂଷିତ ହେଉଛି ଏବଂ ଜଳବାୟୁ ପରିବର୍ତ୍ତନ ଏବେ କେବଳ ଭାରତ ନୁହେଁ ସମଗ୍ର ପୃଥିବୀ (ବିଶ୍ୱ) ପାଇଁ ସମସ୍ୟା ରୂପେ ଉଭାହୋଇଛି। ଅଧିକ ମାତ୍ରାରେ କାର୍ବନ ଉତ୍ସର୍ଜନ କାରଣରୁ ବିଶ୍ୱସ୍ତରର ତାପମାନ ବୃଦ୍ଧି ପାଉଛି ଯାହାକୁ ଆମେ କାର୍ବନ ଉତ୍ସର୍ଜନ କାରଣରୁ ବିଶ୍ୱସ୍ତରର ତାପମାନ ବୃଦ୍ଧି ପାଉଛି ଓ ଏହାକୁ ଆମେ ଗ୍ଲୋବାଲ ୱାର୍ମିଂ ବୋଲି କହୁଛେ। ବରଫ ତରଳିବାରେ ଲାଗିଛି, ସମୁଦ୍ରର ଜଳ ସ୍ତର ବଢୁଛି ଏବଂ ପ୍ରାକୃତିକ ଆପଦ ଯଥା- ବଢ଼ି, ଅନାବୃଷ୍ଟି ଏବଂ ତୋଫାନର ତୀବ୍ରତା ବଢୁଛି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଏବଂ ୟୁନିସେଫର ୨୦୨୪ର ରିପୋର୍ଟ ଅନୁସାରେ ବିଶ୍ୱରେ ସ୍ୱଚ୍ଛ ପେୟଜଳର ଉପଲବ୍ଧତା ଦେଶ ଅନୁସାରେ ବ୍ୟାପକ ରୂପରେ ଭିନ୍ନ ରହୁଛି। ଭାରତରେ ୧୦ ରୁ ୧୫ ପ୍ରତିଶତ ଲୋକ ସ୍ୱଚ୍ଛ ପେୟଜଳ ପାଇବାରୁ ବଞ୍ଚିତ ଥିବା ବେଳେ ଇଥୋପିଆରେ ଏହି ହାର ପାଖାପାଖି ୫୫ ରୁ୬୦ ପ୍ରତିଶତ। ନାଇଜେରିଆରେ ୩୦ ରୁ ୩୫ ପ୍ରତିଶତ ଓ ବଙ୍ଗଳା ଦେଶରେ ୮ ରୁ ୧୦ ପ୍ରତିଶତ ଲୋକେ ସ୍ୱଚ୍ଛ ପେୟଜଳରୁ ବଞ୍ଚିତ ଅଛନ୍ତି।ଇଣ୍ଟରନ୍ୟାସନାଲ ଏନର୍ଜି ଏଜେନ୍ସି ଏବଂ ଗ୍ଲୋବାଲକାର୍ବନ ପ୍ରୋଜେକ୍ଟ ର ୨୦୨୪ ରିପୋର୍ଟ ଅନୁସାରେ କାର୍ବନ ଉତ୍ସର୍ଜନ ମଧ୍ୟ ଅସମାନ ରହିଛି। ବିଶ୍ୱରେ ହେଉଥିବା କାର୍ବନ ଉତ୍ସଜନ ମଧ୍ୟରୁ କେବଳ ୩୦ରୁ ୩୫ ପ୍ରତିଶତ କାର୍ବନ ଉତ୍ସର୍ଜନ କରୁଛି ଚୀନ। ଆମେରିକା ୧୨ରୁ ୧୫ ପ୍ରତିଶତ କାର୍ବନ (କାର୍ବନଡ଼ାଇଅକ୍‌ସାଇଡ଼) ଉତ୍ସର୍ଜନ କରୁଥିବା ବେଳେ ଭାରତ ୭ ପ୍ରତିଶତ କାର୍ବନ ଉତ୍ସର୍ଜନ କରୁଛି। ସେହିପରି ଋଷର କାର୍ବନ ଉତ୍ସର୍ଜନ ହାର ୫ ପ୍ରତିଶତ ଥିବା ବେଳେ ଜାପାନ ମାତ୍ର ୩ ପ୍ରତିଶତ କାର୍ବନ ଉତ୍ସର୍ଜନ କରୁଛି। ଏହି ଅସନ୍ତୁଳନ ବୈଶ୍ୱିକ ଜଳବାୟୁ ପରିବର୍ତ୍ତନର ସଙ୍କଟକୁ ଆହୁରି ଜଟିଳ କରିଦେଉଛି। ବିଶ୍ୱସ୍ତରରେ ଏହି ସଙ୍କଟର ସମାଧାନ ପାଇଁ ବ୍ୟବସ୍ଥା କରାଯାଇଛି। ୧୯୭୨ର ଷ୍ଟକହୋମ ସମ୍ମିଳନୀ ଜାତିସଂଘର ପ୍ରଥମ ପରିବେଷ ସମ୍ମିଳନୀଥିଲା। ଏହି ସମ୍ମିଳନୀରେ ପ୍ରଥମଥର ବିଶ୍ୱରେ ଦେଖାଦେଇଥିବା ପରିବେଷ ସଙ୍କଟ ଓ ପରିବେଷର ସୁରକ୍ଷାର ଆବଶ୍ୟକତାକୁ ସ୍ୱୀକାର କରାଯାଇଥିଲା ଏବଂ ୟୁନାଇଟେଡ଼ ନେସନସ ଏନଭରମେଣ୍ଟ ପ୍ରୋଗ୍ରାମ (ୟୁଏନ୍‌ଇପି)ର ସ୍ଥାପନା କରାଯାଇଥିଲା। ୧୯୯୨ର ରିୟୋ ଶିଖର ସମ୍ମିଳନୀରେ ସତତ ବିକାଶର ଅବଧାରଣାକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଜଳବାୟୁ ପରିବର୍ତ୍ତନ ଏବଂ ଜୈବ ବିବିଧତା ପ୍ରସଙ୍ଗକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୁଝାବଣା ହୋଇଥିଲା।

୧୯୯୭ର କ୍ୟୋଟୋ ପ୍ରୋଟକଲ ବୁଝାବଣାର ଉଦେଶ୍ୟ ଥିଲା ବିକଶିତ ଦେଶ ମାନଙ୍କ ଦ୍ୱାରା କରାଯାଇଥିବା ଗ୍ରୀନ ହାଉସ ଗ୍ୟାସ ଉତ୍ସର୍ଜନକୁ କମ୍ କରିବା। ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ପାଇଁ ଏହା ଏକ ଗୁରୁତ୍ୱପୁର୍ଣ୍ଣ ପଦକ୍ଷେପ ଥିଲା। ୨୦୦୨ରେ ଜୋହାନ୍ସବର୍ଗ ଶିଖର ସମ୍ମିଳନୀରେ ସତତ ବିକାଶକୁ ଲାଗୁ କରିବା ପାଇଁ ବ୍ୟବହାରିକ ଯୋଜନା କରାଯିବା ପାଇଁ ସ୍ଥିର କରାଯାଇଥିଲା। ଦାରିଦ୍ର୍ୟ ଦୂରୀକରଣ ଏବଂ ପରିବେଷ ସଂରକ୍ଷଣ ବାବଦରେ ଯୋଜନା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ୨୦୧୫ର ପ୍ୟାରିସ ଜଳବାୟୁ ବୁଝାବଣାର ଲକ୍ଷଥିଲା ବିଶ୍ୱସ୍ତରର ତାପମାନ ବୃଦ୍ଧିକୁ ୨ ସେଣ୍ଟିଗ୍ରେଡ଼ରୁ ନିମ୍ନ ସ୍ତରରେ ରଖିବା ଏବଂ ଯଥାସମ୍ଭବ ଏହାକୁ ୧.୫ ସେଣ୍ଟିଗ୍ରେଡ଼ରେ ସିମୀତ ରଖିବା। ଏହି ପ୍ୟାରିସ ବୁଝାବଣାକୁ ଆଜିର ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ଜଳବାୟୁ ବୁଝାବଣା ବୋଲି କୁହାଯାଏ। ଗ୍ଲାସଗୋ ଜଳବାୟୁ ସମ୍ମିଳନୀ (୨୦୨୧)ରେ କାର୍ବନ ଉତ୍ସର୍ଜନକୁ କମ୍ କରିବା ଏବଂ ଏହାକୁ ଶୁନ୍ୟ ସ୍ତରରେ ପହଞ୍ଚାଇବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଥିଲା। ଏସବୁ ସମ୍ମିଳନୀରୁ ସ୍ପଷ୍ଟ ଯେ ପରିବେଷ ସଂରକ୍ଷଣ ଏବେ କେବଳ ଗୋଟିଏ ଦେଶର ନୁହେଁ ସାରା ବିଶ୍ୱର ଦାୟିତ୍ୱ ଅଟେ। ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଏବଂ ଜୈବ ବିବିଧତାର ସଙ୍କଟକୁ ରୋକିବାର ଆବଶ୍ୟକତା ରହିଛି।

ଏବେ ପରିବେଷର ସୁରକ୍ଷା, ଜୈବ ବିବିଧତାର ସଙ୍କଟକୁ ନେଇ ଯେତେ ଚର୍ଚ୍ଚା ହେଉଛି ସେ କଥା ଭାରତୀୟ ମହାମନିଷୀ ମାନେ ପୁର୍ବରୁ କହିଯାଇଛନ୍ତି। ସେମାନେ ଜାଣିଥିଲେ ପରିବେଷର ସଂରକ୍ଷଣ କେବଳ ନୀତି ଦ୍ୱାରା ହୋଇପାରିବ ନାହିଁ ବରଂ ଏହା ପ୍ରତ୍ୟେକ ବ୍ୟକ୍ତିର ଜୀବନର ଅଂଶ ହେବା ଦରକାର। ସେଇଥିପାଇଁ ସେମାନେ ମାତାଭୂମୀ ପୁତ୍ରୋହଂ ପୃଥିବ୍ୟାନ୍ତର ଉଦ୍‌ଘୋଷ ଦେଇଥିଲେ। ଭାରତୀୟ ସଂସ୍କୃତିରେ ପ୍ରକୃତି ସହିତ ସହ- ଅସ୍ତିତ୍ୱର ପରମ୍ପରା ରହିଛି ଯାହା ଆଜିର ବୈଶ୍ୱିକ ସନ୍ଦର୍ଭରେ ନିହାତି ଆବଶ୍ୟକ। ଆଜିର ପୃଥିବୀ ସଙ୍କଟରେ। ଜଳ ପ୍ରଦୂଷିତ, ବାୟୁ ବିଷାକ୍ତ ହୋଇଯାଇଛି। ନଦୀ ଶୁଖିଯାଉଛି। ଲୋକେ ଏବେ ବୋତଲ ପାଣି ଉପରେ ନିର୍ଭରଶୀଳ। ୨୦୦୦ର ପ୍ୟାରିସ ଆର୍ଥ ଚାଟରରେ ପୃଥିବୀ ଏବଂ ପରିବେଷ ସଂରକ୍ଷଣ ପାଇଁ ଅନେକ ଆଲୋଚନା ହୋଇଥିଲା। କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଯେତେବେଳେ ସମସ୍ତେ ଭାବିବେ ଯେ ଆମେ ପୃଥିବୀର ମାଲିକ ନୁହେଁ ସଂରକ୍ଷକ, ସେତେବେଳେ ଆମେ ଏକ ସୁରକ୍ଷିତ, ସନ୍ତୁଳିତ ଏବଂ ସତତ ଭବିଷ୍ୟତ ଦିଗରେ ଆଗେଇ ପାରିବା।

**ରାମଚନ୍ଦ୍ରପୁର, ରଣପୁର**
**ମୋ . ୯୪୩୮୪୮୫୦୯୪**

# ପିଲାବେଳ ପାଠ୍ୟଗଳ୍ପ

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପିଲାବେଳ କଥା ସବୁ ମନେ ପଡ଼େ ବାସ୍ତବରେ ପିଲାବେଳର ପାଠ୍ୟ ଗଳ୍ପ କେବଳ ଗପ ନଥିଲା। ସେ ଥିଲା ଶିକ୍ଷଣୀୟ ବିଷୟ। ବିଷୟଟି ଏହିପରି ଜଙ୍ଗଲରେ ଏକ ସିଂହ ଦମ୍ପତି ରହିଥିଲେ, ସିଂହୀ ଆଶୁ ପିଲା ଜନ୍ମ କରିଥାଏ, ଶିକାରକୁ ଯାଇ ପାରୁ ନଥାଏ, ଏଣେ କ୍ଷୁଧାର୍ତ୍ତ ନିଜେ ରହିବା ସହ ତାର ଶିଶୁଙ୍କୁ ଆଧାର ଦେବା ସମସ୍ୟା, ନିରାପତ୍ତା ଦୃଷ୍ଟିରୁ ବାସସ୍ଥାନ ଛାଡ଼ି ଯାଇପାରୁନଥାଏ। ସିଂହ ଶିକାରକୁ ଦିନେ ଗଲା, ବହୁବେଳ ଅନ୍ୱେଷଣ କରି ଶିକାର ନପାଇ ବିଫଳରେ ଫେରୁଥିବାବେଳେ ଏକ ଶୃଗାଳ ଶାବକ ପଥରେ ଥିବା ଦେଖି ତାକୁ ନଖାଇ ସ୍ୱମୁଖରେ ସାବଧାନରେ ଧରି ଜୀବନ୍ତରେ, ସିଂହୀକୁ ଦେଇ ଆଜି କିଛି ବି ଶିକାର ମିଳିଲା ନାହିଁ। ଏହି ଶୃଗାଳ ଶିଶୁରେ ଆଜିର କାମ ଚଳାଅ, ସଦ୍ୟ ପ୍ରସୂତୀ ସିଂହୀ ତାର ପିଲାଙ୍କ ପରି ଶୃଗାଳ ଶିଶୁକୁ ଅପତ୍ୟ ସ୍ନେହରେ ଦେଖି ତାକୁ ନ ମାରି ଭକ୍ଷଣ ନକରି ତାର ପିଲାଙ୍କ ସହ ଲାଳନ ପାଳନ କଲା। ନିଜର ଶିଶୁଙ୍କ ସହ ସ୍ତନ୍ୟପାନ କରାଇ ତାକୁ ସୁସ୍ଥ ଶବଳ କରାଇଲା। ତାର ପିଲାମାନଙ୍କୁ ଏ ତାଙ୍କର ବଡ଼ ଭାଇ ବୋଲି ପରିଚୟ କରାଇଲା। ସିଂହ ସାବକମାନେ ଜ୍ୟେଷ୍ଠର ସମ୍ମାନ ଦେଇ ସମୟ ଖେଳକୁଦରେ କଟାଉଥିଲେ। ଏକଦିନ ଏକ ହାତୀ ସିଂହ ଶାବକଙ୍କ ଦୃଷ୍ଟିଗୋଚର ହେଲା। ସେମାନେ ହାତୀଟିକୁ ଆକ୍ରମଣ କରି ଶିକାର ପାଇଁ ଧାବିତ ହେବା ସହ ବଡ଼ଭାଇ ଧାଇଁ ଆସି ଶିକାର କରିବା, ଭଲ ଖାଦ୍ୟ ଖାଇବା କିନ୍ତୁ ଶୃଗାଳ ପିଲା କହିଲା ଆରେ ପଳେଇ ଆସ ସେ ଶୁଣ୍ଢରେ ଧରି ପାଦରେ ଚାପିଦେଲେ ପ୍ରାଣ ଚାଲିଯିବ। ସିଂହ ପିଲାମାନେ ଫେରି ଆସି ନିଜ ମାଆକୁ ସେହି ଘଟଣାର ବିବରଣୀ ପ୍ରଦାନ କଲେ। କହିଲେ ବଡ଼ଭାଇ ଟିକେ ସହଯୋଗ କରିଥିଲେ ଆମର କି ଭୋଜନ ଆନନ୍ଦ ହୋଇଥାନ୍ତା କିନ୍ତୁ ସେ ଆମର ମନ ଭାଙ୍ଗିଦେଲେ। ସିଂହୀ ସବୁ ଶୁଣି ଶୃଗାଳ ପିଲାକୁ କହିଲେ ରେ ପୁଅ ସେମାନେ ସିଂହ ବଚ୍ଚା ସେ ତାଙ୍କର ଶିକାର କରିବା ଭଙ୍ଗୀ ଉଦ୍ରେକ କଲେଣି। ତୋତେ ସେମାନେ ଶୃଗାଳ ବୋଲି ପରିଚୟ ପାଇନାହାଁନ୍ତି, ଅତଏବ ଏଇ ଜଙ୍ଗଲରେ ତୋର ଜାତି ଭାଇଙ୍କ ପାଖକୁ ତୁ ଶୀଘ୍ର ଫେରିଯା। ନହେଲେ ଅନେକ ଅଘଟଣ ତୋ ପାଇଁ ଆସିବ। ଶୃଗାଳଟି ତାର ଗୋତ୍ର ସୁମରଣରେ ସିଂହ ପିଲାଙ୍କ ଗହଣରୁ ଚାଲି ଯାଇଥଲା। ସିଂହୀ ତାର ପିଲାମାନଙ୍କୁ ଭିନ୍ନ ପ୍ରକାରର ବୋଧ କରାଇ ଦେଇ ଶାନ୍ତ କରାଇଥିଲା। ବ୍ରାହ୍ମଣ କ୍ଷତ୍ରିୟ, ବୈଶ୍ୟ-ଶୁଦ୍ର, ଚଣ୍ଡାଳ ଏମାନେ ବଂଶଗତ ଗୁଣାବଳୀ ନେଇ ଜନ୍ମ। ଶିକ୍ଷା ସଂସ୍କାର ଦ୍ୱାରା ଅନେକ କିଛି ପରିବର୍ତ୍ତନ ହେଲେ ବି ମୌଳିକ ବଂଶଗତ ଗୁଣ କିଛି ଜଟିଳ ସମାଧାନ ସମୟରେ ଉଦ୍ରେକ ହୁଏ।

**ସମ୍ପାଦକ ନ୍ତନିୟତି' ଅରୁଣୋଦୟ**
**ନଗର, କଟକ, ଦୂରଭାଷ :**
**୯୪୩୭୧୦୩୧୨୫୩**

# ପୁରୁଣା ରଡ଼ରେ ସ୍ଲାପ ପକାଇ ୧୫ ଲକ୍ଷ ଟଙ୍କାର ବିଲ୍ ଅଭିଯୋଗ

### ଭାଲୁମୁଣ୍ଡା କଲେଜ ପରିଚାଳନା ଟଙ୍କାକୁ ଦୁର୍ନୀତି କରି କରାଯାଉଛି ଧୂଳିସାତ
### ପୁରାତନ ଛାତ୍ର ଆଣିଲେ କଲେଜ ଅଧ୍ୟକ୍ଷ ନାଁରେ ସାଙ୍ଘାତିକ ଅଭିଯୋଗ
### ଭାଲୁମୁଣ୍ଡା କଲେଜ ଅଧ୍ୟକ୍ଷ ଙ୍କ ମନମାନୀ ଯୋଗୁ ଲକ୍ଷ ଲକ୍ଷ ଟଙ୍କାର ଘୋଟାଲା ଅଭିଯୋଗ
### ତଦନ୍ତ କରିବେ କି ଉପ ଜିଲ୍ଲାପାଳ ?





**କଣ୍ଟାବାଞ୍ଜି :** କଲେଜର ପାଣ୍ଠି ଟଙ୍କାକୁ ଚଳୁ କରାଯାଇଥିବା ଏଭଳି ଅଭିଯୋଗ ଆଣିଛନ୍ତି ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡା ପ୍ରସନ୍ନ ପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୁରାତନ ଛାତ୍ର ମାନେ। ତେବେ କଲେଜର ପାଣ୍ଠି ଟଙ୍କାକୁ କଲେଜ ଅଧ୍ୟକ୍ଷ ନିଜେ ମନମାନୀ କରି ହଡପ୍ କରି ଆସୁଥିବା ଅଭିଯୋଗ, ଭାଲୁମୁଣ୍ଡା ଗାଁର ରୁଷି ରଣା, ବିନୋଦ ମେହେର, କୁଲଦୀପ୍ ସାହୁ, ବିକ୍ରମ ମେହେର, କାଁହୁ ତାଣ୍ଡି, ଫକୀର ମେହେର, ତୁଲାରାମ ରଣା, ଓମ ଭୋଇ, ହରେ ମେହେର, ଗଣେଶ ମେହେର, ସନ୍ତୋଷ ମେହେର, ଦୁର୍ଣ୍ଡ ଭୋଇ, ଲାଲ ରଣା ଅଭିଯୋଗ ଆଣିଛନ୍ତି। ତେବେ ସୂଚନା ଅନୁଯାୟୀ ଅଭିଯୋଗ କାରୀ ମାନଙ୍କ ସୂଚନା ଅଧିକାରୀ ଆଇନ ବଳରେ ମାଗିଁଥିବା ରିପୋର୍ଟ ହିସାବରେ, କଲେଜ ଗୃହ କାର୍ଯ୍ୟରେ ବ୍ୟାପକ ଭାବରେ ଦୁର୍ନୀତି କରି କଲେଜ ପାଣ୍ଠି ଟଙ୍କାକୁ ହଡପ୍ କରାଯାଇଥିବା ଅଭିଯୋଗ କରିଛନ୍ତି। ମାତ୍ର କଲେଜ ଗୃହର ସ୍ଲାପ ପକାଇ ରଙ୍ଗ ମାରି ପନ୍ଦର ଲକ୍ଷ ର ବିଲ କରି ବାକି ଟଙ୍କାକୁ ଚଳୁ କରାଯାଇଥିବା ଅଭିଯୋଗ ହେଉଛି। ତେବେ ଏ ସମ୍ପର୍କରେ କଲେଜର ଅଧ୍ୟାପକ ଗରୁଡ଼ ଚୌଧୁରୀ ଙ୍କ ପ୍ରତିକ୍ରିୟା ନେଇଥିଲୁ ସେ ପ୍ରତିକ୍ରିୟାରେ ରୋକ ଠୋକ କହିଛନ୍ତି କି ଯେ ମୁଁ ଏ କାମ ବିଷୟରେ ଜାଣି ନାହିଁ ସବୁ ଅଧ୍ୟକ୍ଷ ଜାଣିଛନ୍ତି କହି ଟଙ୍କା ହେରଫେର କଥାକୁ ସ୍ୱୀକାର କରିଛନ୍ତି। ତେବେ କଲେଜର ମୁଖ୍ୟ କିରାଣୀ ଦିନ ଦୟାଲ ମେହେର ଙ୍କୁ କଲେଜ ପାଣ୍ଠି ଟଙ୍କାକୁ ଚଳୁ କରାଯାଉଥିବା ପୁରାତନ ଛାତ୍ର ମାନେ ଅଭିଯୋଗ ଆଣିଛନ୍ତି କଣ ହେଉଛି ଘଟଣା ବୋଲି ପଚାରିବାରୁ। ସେ ସେତେବେଳେ ରାଗି ପାଚି ଲାଲ ହୋଇ ବୁମ ଛଡାଇ ନେଇ ସାମ୍ବାଦିକକୁ ଆକ୍ରମଣ କରିଥିଲେ। ତେବେ କଲେଜ ମୁଖ୍ୟ କିରାଣୀ ଦିନ ଦୟାଲ ମେହେର ସାମ୍ବାଦିକ କୁ ଆକ୍ରମଣ କରିବାର କାରଣ କଣ, ପ୍ରଶ୍ନରେ ରାଗି ଯାଇ ଡାଇରେକ୍ଟ ଆକ୍ରମଣ କରିବା ଏ କି ଦିନ ଦୟାଲ ମେହେର ଙ୍କ ଦୃଷ୍ଟାମୀ। ମୁଖ୍ୟ କିରାଣୀ ଦିନ ଦୟାଲ ମେହେର ଓ କଲେଜ ଅଧ୍ୟକ୍ଷ ମିଶି ଦୁର୍ନୀତିରେ ଲିପ୍ତ ରହି ଟଙ୍କା ଖାଇ ଆସୁଥିବା ଏଠାରୁ ଜଣା ପଡୁଛି। ଯାହା ପୁରାତନ ଛାତ୍ର ମାନେ ମଧ୍ୟ ତଥ୍ୟ ଧରି ସମାନ ଅଭିଯୋଗ ଆଣିଛନ୍ତି। ତେବେ ପୁରୁଣା ରଡ଼ରେ ସ୍ଲାପ ପକାଇ କଲେଜର ପନ୍ଦର ଲକ୍ଷର ବିଲ କରାଯାଇଥିବା ଅଭିଯୋଗ ହୋଇଛି। ପୁରୁଣା ରଡ଼ରେ ସ୍ଲାପ କାମକରି ଏଭଳି ହଡପ ହୋଇଥିବା ବେଳେ ଏଭଳି କାମକୁ ପୁରାତନ ଛାତ୍ର ମାନେ ବିରୋଧ କରି ଦୁର୍ନୀତି ଖୋର ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କଲେଜର ଛାତ୍ର ଛାତ୍ରୀ ମାନଙ୍କ ଟଙ୍କାକୁ ଏଠି ମନମାନୀ କରି ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ଚାଲିଛି। ପ୍ରଶାସନ ତଥା ଟିଟିଲାଗଡ଼ ଉପ ଜିଲ୍ଲାପାଳ ଏ ଉପରେ ଉଚ୍ଚ ସ୍ତରୀୟ ଟିମ ଗଠନ କରି ତଦନ୍ତ କରିବାକୁ ଦାବି ହେଉଛି।

# ଟାଙ୍କିରେ ନାହିଁ ପେଟ୍ରୋଲ କି ଡିଜେଲ

- ଚାରିଆଡେ ଏବେ ହା ହା କାର
- ତେଲ ଟିକେ ପାଇଁ ଡହଳ ବିକଳ ଲୋକେ



**ବଣାଇ :** ଟାଙ୍କିରେ ନାହିଁ ପେଟ୍ରୋଲ କି ଡିଜେଲ , ତେଲ ଟିକେ ପାଇଁ ଡହଳ ବିକଳ ଲୋକେ, ବଣେଇ ମୁଖ୍ୟ ସହର ପାଖା ପାଖି ରହିଛି ପ୍ରାୟ ୫ଟି ପେଟ୍ରୋଲ ପମ୍ପ କିନ୍ତୁ କୌଣସି ଟାଙ୍କିରେ ବର୍ତ୍ତମାନ ନାହିଁ ପେଟ୍ରୋଲ କି ଡିଜେଲ , ଆଜି ସକାଳ ସମୟରେ କାଁ ଭାଁ ଟାଙ୍କିରେ ଅଳ୍ପ ତେଲ ଥିବା ବେଳେ ଖରାରେ ଲୋକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳି ଥିଲା, ଆସନ୍ତା କାଲି ସାବିତ୍ରୀ ଅମାବାସ୍ୟା ଥିବା ନେଇ ଆଖ ପାଖ ଅଞ୍ଚଳରୁ ଲୋକେ ଫଳ ମୂଳ ଓ ପୂଜା ସାମଗ୍ରୀ ନେବା ପାଇଁ ତ ଆଉ କିଏ ଅନ୍ୟ କୌଣସି କାମରେ ଆସି ଫେରୁ ଥିବା ବେଳେ ପେଟ୍ରୋଲ ପମ୍ପରେ ତେଲ ଭରିବା ପାଇଁ ଆସୁଥିବା ବେଳେ କୌଣସି ପେଟ୍ରୋଲ ପମ୍ପରେ ପେଟ୍ରୋଲ ଡିଜେଲ ନାହିଁ ସବୁ ଟାଙ୍କିରେ ଲାଗିଛି ଘଙ ଝଞଙଉକ ଷ୍ଟିକର ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଦୁଇ ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କୁ କମ ଗାଡ଼ି ବ୍ୟବହାର କରିବା ସହିତ ଇନ୍ଧନ ବ୍ୟବହାର କମ କରିବା ସହିତ ଯେଉଁ ସ୍ଥାନରେ ମେଟ୍ରୋ ଟ୍ରେନ ଚାଲୁଛି ସେଠାରେ ମେଟ୍ରୋ ଟ୍ରେନ ଯୋଗେ ଯିବା ଆସିବା ପାଇଁ ମନ୍ତବ୍ୟ ଦେଇ ଥିଲେ। କିନ୍ତୁ ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଲା ? ଗ୍ରାମାଞ୍ଚଳ ଅଞ୍ଚଳରେ ମେଟ୍ରୋ ଭଳି ସୁବିଧା ନାହିଁ ଲୋକେ ବସ, କାର ଏବଂ ବାଇକ୍ ଉପରେହିଁ ପ୍ରାୟତ ନିର୍ଭର କରିଥାନ୍ତି କିଏ ଅଫିସ କାମରେ ତ ଆଉ କିଏ ମେଡିକାଲ କାମରେ ଏଇଭଳି ଏନେଇ ଜରୁରୀ କାମରେ ଲୋକେ ଦୈନଦିନ ଗାଡ଼ି ବ୍ୟବହାର କରିଥାନ୍ତି କିନ୍ତୁ ଏଇ ଭଳି ତୈଳ ସମସ୍ୟା ଯଦି ଆଗକୁଭି ଲାଗି ରହେ ତାହାଲେ ସ୍ଥିତି କେମିତି ରହିବ ଦେଖିବାକୁ ବାକି ରହିଲା।

# ରୋଜଗାର କରିବାକୁ ବିଦେଶ ଯାଇଥିଲା ଭେଣ୍ଡିଆ ପୁଅ, ଶବ ହୋଇ ଫେରିଲା

- ଚାରି ବର୍ଷ ତଳେ ବିଦେଶ ଯାଇଥିଲା ଶବ ହୋଇ ଫେରିଲା
- ଗାଁର କିଛି ପିଲା ଶିଖାଇ ନେଇଗଲେ ମାରି ପଠାଇଦେଲେ



**ବାସୁଦେବପୁର :** ସବୁ ବାପା ମାଆ ଙ୍କର ଇଛା ପୁଅ ବଡ ହୋଇ ଭଲ ରୋଜଗାର କରିବ ଏବଂ ବାପକୁ ସାହାଯ୍ୟ କରିବ ପରିବାର ପ୍ରତିପୋଷଣ ରେ। ହେଲେ ବାପାମାଆ ଙ୍କର ସମସ୍ତ ଆଶା ଓ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଗଲା। ପରିବାରର ବଡ଼ ପୁଅ ପରିବାର ପ୍ରତିପୋଷଣ ପାଇଁ ଦାଦନ ଶ୍ରମିକ ହୋଇ ବିଦେଶ ଯାଇଥିଲା। ଗାଁ ସାଙ୍ଗମାନଙ୍କ ସହିତ ଚାରିବର୍ଷ ତଳେ ବାଙ୍ଗାଲୋର ହ୍ୱାଇଟ୍ ଫିଲ୍ଡ ଥାନା ଅଞ୍ଚଳରେ ରହି ଏକ ଘରୋଇ କମ୍ପାନୀରେ ପାଣି ପାଇପ୍ ମିସ୍ତ୍ରୀ ଭାବରେ କାମ କରୁଥିଲେ। ଆଜି ଶବ ହୋଇ ଘରକୁ ଫେରିଛନ୍ତି। ପୁଅର ଶବକୁ ଦେଖି ବାପା ମାଆ, ବନ୍ଧୁବାନ୍ଧବ ଏବଂ ଗ୍ରାମବାସୀ ସମସ୍ତେ ସ୍ତବ୍ଧ ହୋଇଯାଇଛନ୍ତି। ହଁ ଆଜ୍ଞା ଏମିତି ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ କରଞ୍ଜଆଡିଆ ପଞ୍ଚାୟତ ର ଖେଡୁଆଳପୁର ଗ୍ରାମରୁ। ସୂଚନା ଅନୁଯାୟୀ ଖେଡୁଆଳପୁର ଗ୍ରାମର ନାରାୟଣ ମଲ୍ଲିକ୍ ଏବଂ ନିରୁପମା ମଲ୍ଲିକ ଙ୍କ ୨୪ ବର୍ଷୀୟ ପୁଅ ନିରାକର ମଲ୍ଲିକ୍ ଚାରି ବର୍ଷ ହେଲା ବାଙ୍ଗାଲୋର ରେ ହ୍ୱାଇଟ ଫିଲ୍ଡ ଥାନା ଅଞ୍ଚଳରେ ରହି ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗାଁ ସାଙ୍ଗମାନଙ୍କ ସହିତ ମେସିଙ୍ଗ୍ ରେ ରହୁଥିଲେ। କମ୍ପାନୀ ରେ ଖାଇବା ହେଉଥିବା କାରଣରୁ ସେ ମେସିଙ୍ଗ ରେ ଖାଉନଥିଲେ। ସାଙ୍ଗମାନଙ୍କ ସହିତ ଏହି ଖାଇବା ପଇସା ଦେବାକୁ ନେଇ ବଚସା ହୋଇଥିଲା। ତାପରେ ସାଙ୍ଗମାନେ ମିଳିତ ହୋଇ ପୂର୍ବ ପରାମର୍ଶ ହୋଇ ମେ ୮ ତାରିଖ ରାତି ରେ ଡକାଇ ମଦ ବୋତଲ ରେ ମୁଣ୍ଡକୁ ବାଡାଇ ରକ୍ତାକ୍ତ କରିଦେଇଥିଲେ। ଏଥିସହିତ ଇଟାରେ ମୁଣ୍ଡକୁ କୁ ଛେଚି ଗୁରୁତର କରିଦେଇଥିଲେ। ଏହା ଦେଖି ସମ୍ପର୍କୀୟ ପିଉସି ଏବଂ ତାଙ୍କ ପୁଅ ତାଙ୍କୁ ଗୁରୁତର ଅବସ୍ଥାରେ ବାଙ୍ଗାଲୋର ରେ ମେଡିକାଲ ରେ ଭର୍ତ୍ତି କରିଥିଲେ। ତିନି ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ପୁଅର ଶବକୁ ଗାଁକୁ ଆଣିବା ପାଇଁ ଭଦ୍ରକ ଜିଲ୍ଲାପାଳ ଙ୍କ ନିକଟରେ ନିବେଦନ କରିଥିଲେ। ଯାହାଫଳରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ସମସ୍ତ ବ୍ୟବସ୍ଥା କରିଥିଲେ। ବାସୁଦେବପୁର ସହ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ ଙ୍କ ସହଯୋଗ କ୍ରମେ ନିରାକାର ଙ୍କ ଶବ ଗାଁ ରେ ପହଞ୍ଚିବା ସହିତ ସେ ୧୩ ତାରିଖ ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସୂଚନା ମୁତାବକ ଯେଉଁ ସାଙ୍ଗମାନେ ନିରାକାର ମଲ୍ଲିକ୍ ଙ୍କୁ ବାଡେଇ ବାଡେଇ ମାରିଥିଲେ ସେମାନଙ୍କ ନାମରେ ବାଙ୍ଗାଲୋର ହ୍ୱାଇଟ୍ ଫିଲ୍ଡ ଥାନା ରେ ଲିଖିତ ଅଭିଯୋଗ କରାଯାଇଥିଲା। ହ୍ୱାଇଟ୍ ଫିଲ୍ଡ ପୋଲିସ ଅଭିଯୁକ୍ତ ତିନି ଜଣ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ କରଞ୍ଜଆଡିଆ ଥାନା ଅଞ୍ଚଳର ଖେଡୁଆଳପୁର ଗ୍ରାମର ଦୁଇ ଜଣ ଗଣେଶ ବେହେରା ଓ ସୁଶାନ୍ତ ସଙ୍ଖୁଆ ଏବଂ ଆମ୍ବଗଡି ଗ୍ରାମ ର କୈଳାଶ ପରିଡ଼ା ଙ୍କୁ ପୋଲିସ ଗିରଫ କରିଛି। ପରିବାରର ଏକ ମାତ୍ର ରୋଜଗାରିଆ ପୁଅ କୁ ହରାଇ ଆଖିରୁ ଲୁହ ଗଡାଇ ଓଡ଼ିଶା ସରକାରଙ୍କୁ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି ଏଥି ସହିତ ସରକାରୀ ସହାୟତା ଯୋଗାଇ ଦେବାକୁ ମଧ୍ୟ ନିବେଦନ କରିଛନ୍ତି। ନିରାକାର ମଲ୍ଲିକ୍ଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବୋରିଗୁମ୍ମା JELC ଚର୍ଚ୍ଚର ୧୪୫ ବର୍ଷ ପୂର୍ତ୍ତି ଉତ୍ସବ

**ବୋରିଗୁମ୍ମା :** ବୋରିଗୁମ୍ମା ଅଞ୍ଚଳର ଐତିହାସିକ ଔରଖଉ ଚର୍ଚ୍ଚର ୧୪୫ ବର୍ଷ ପୂର୍ତ୍ତି ଅବସରରେ ଆଜି ଭକ୍ତିମୟ ପରିବେଶରେ ବିଶେଷ ଧାର୍ମିକ କାର୍ଯ୍ୟକ୍ରମ ଓ ସ୍ମୃତି ଉତ୍ସବ ପାଳନ କରାଯାଇଛି। ଏହି ପବିତ୍ର ଓ ଐତିହାସିକ ଦିନରେ ଚର୍ଚ୍ଚ ସହ ଜଡିତ ସଦସ୍ୟମାନେ ଚର୍ଚ୍ଚର ଇତିହାସ ଓ ଧର୍ମ ପ୍ରଚାରର ପରମ୍ପରାକୁ ସ୍ମରଣ କରିଥିଲେ। ସୂଚନାଅନୁସାରେ, ବୋରିଗୁମ୍ମା ଅଞ୍ଚଳରେ ଖ୍ରୀଷ୍ଟୀୟ ଧର୍ମର ପ୍ରଚାର ୧୮୮୨ ମସିହା ମେ ୧୫ ତାରିଖରୁ ଆରମ୍ଭ ହୋଇଥିଲା। ସେହି ସମୟରେ ମିଶନେରୀ ଆର୍ନ୍ଷ୍ଟ ପୋଲ୍ ଓ ହର୍ମାନ୍ ବୋଥମାନ୍ଙ୍କ ମାଧ୍ୟମରେ ପ୍ରଭୁଙ୍କ ସୁସମାଚାର ଏହି ଅଞ୍ଚଳକୁ ପହଞ୍ଚିଥିଲା। ସେଥିଠାରୁ ଆରମ୍ଭ ହୋଇଥିବା ଏହି ଧାର୍ମିକ ପରମ୍ପରା ଆଜି ୧୪୫ ବର୍ଷର ଗୌରବମୟ ଯାତ୍ରା ପୂରଣ କରିଛି। ଏହି ଅବସରରେ ଚର୍ଚ୍ଚ ପରିସରରେ ବିଶେଷ ପ୍ରାର୍ଥନା ସଭା, ଧନ୍ୟବାଦ ଅର୍ପଣ ଓ ବିଶ୍ୱାସୀ ମାନଙ୍କ ମଧ୍ୟରେ ସାମୂହିକ ଉତ୍ସବ ପାଳନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବୋରିଗୁମ୍ମା ପ୍ରଧାନ ମଣ୍ଡଳିର ପରିଚାଳକ ସେବାକାରୀ ଖରା, ବୋରିଗୁମ୍ମା ଗ୍ରାମ୍ୟ ମଣ୍ଡଳି ସଭାପତି ଦିଲ୍ଲୀପ ଖରା, ସ୍ତ୍ରୀ ସମାଜ ସଭାପତି, ଚର୍ଚ୍ଚର ଅନ୍ୟାନ୍ୟ ବରିଷ୍ଠ ସଦସ୍ୟମାନଙ୍କ ସହ ସଣ୍ଡେସ୍କୁଲର ଛାତ୍ରଛାତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଔରଖଉ ବୋରିଗୁମ୍ମା ପରିବାର ପକ୍ଷରୁ ସମସ୍ତ ଭକ୍ତ ଓ ଅଞ୍ଚଳବାସୀଙ୍କୁ ଏହି ଐତିହାସିକ ଦିବସରେ ହୃଦୟପୂର୍ଣ୍ଣ ଧନ୍ୟବାଦ ଓ ଅଭିନନ୍ଦନ ଜଣାଯାଇଛି। ଏହି ଉତ୍ସବ ବୋରିଗୁମ୍ମା ଅଞ୍ଚଳର ଧାର୍ମିକ ଏକତା ଓ ଐତିହ୍ୟକୁ ଆହୁରି ସୁଦୃଢ କରିଥିବା



# ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସର ବଡ଼ ବିକ୍ଷୋଭ



**ବାଲେଶ୍ୱର :** ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ବାଲେଶ୍ୱର ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଷ୍ଟେସନ ଛକ ରୁ ଏକ ବିଶାଳ ରାଲି ରେ ଆସି ଫାଣ୍ଡି ଛକ ଠାରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବାରମ୍ବାର ପ୍ରଶ୍ନପତ୍ର ଲିକ ଦ୍ୱାରା ମେଧାବୀ ବିଦ୍ୟାର୍ଥୀଙ୍କ ଜୀବନ ସହ ଖେଳ ହେଉଥିବା ଅଭିଯୋଗ କରି ଦାୟିତ୍ୱରେ ଅବହେଳା କାରଣରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯିବା ସହ ତାଙ୍କର କୁଶ ପୁତ୍ତଳିକା ଦାହ କରାଯାଇଛି । ସେହିପରି ଏନଟିଏର ପରୀକ୍ଷା ପରିଚାଳନାକୁ ନୀତିକୁ ଶତାଧିକ ଛାତ୍ର ଯୁବ ଉପସ୍ଥିତ ରହି ଜୋରଦାର ଧିକାର ଓ ନାରାବାଜି କରିଛନ୍ତି। ଏହି କୁଶ ପୁତୁଳା ଦାହ କାର୍ଯ୍ୟ କ୍ରମ ରେ ଜିଲ୍ଲା ଯୁବକଂଗ୍ରେସ ସଭାପତି ଇଂ ରଞ୍ଜନ ଦାସ ଛାତ୍ରଜିଲ୍ଲା କଂଗ୍ରେସ ସଭାପତି ଗୌତମ ସାହୁ, ସମେତ ପୂର୍ବତନ ବିଧାୟକ ସୁଦର୍ଶନ ଜେନା ପୂର୍ବତନ ଜିଲ୍ଲା ସଭାପତି ସଂଜୀବ ଗିରି, ଜିଲ୍ଲା ଉପସଭାପତି ସରୋଜ କୁମାର ଲେଙ୍କା, ଉପଭାପତି ଗୋପୀନାଥ ପାଢ଼ୀ କେଶବ,ନାୟକ ଜିଲ୍ଲାସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ ବରିଷ୍ଠ କଂଗ୍ରେସ ନେତ୍ରୀ ଅର୍ଚ୍ଚନା ନନ୍ଦୀ ଜୋସ୍ନା ସେନାପତି ହେମଲତା ଦାସ ଅଜଗର ଅଲ୍ଲୀ, ସେକ କାଲାମ ପ୍ରମୁଖ ଉପସ୍ଥିତ ରହି ସରକାର ଙ୍କର ବିଫଳତା ଉପରେ ବର୍ଷି ଥିଲେ। ଏହି କାର୍ଯ୍ୟକ୍ରମ ରେ ନବ ପ୍ରସାଦ ଭୂୟାଁ,ଜୀବନ ମହାପାତ୍ର ସୁମିତ ସାଗର ଦାସ ସୌରଭ ପଟ୍ଟନାୟକ ସୁଧାକର ରାଉତ, ପତିତ ପାବନ ଦାସ ଜୟଦୀପ ସାହା ପ୍ରମୁଖ ବହୁ ଛାତ୍ର ଏବଂ ଯୁବ କଂଗ୍ରେସ ର କର୍ମୀ ଉପସ୍ଥିତ ଥିଲେ। ବିଜେପି ସରକାରର ଛାତ୍ର ମାରଣ ନୀତି ବିରୁଦ୍ଧରେ ବର୍ଷିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କର କୁଶ ପୁତୁଳା ଦାହ କରିବା ସହ ନାରାବାଜି କରିବା ସହ କୁଶ ପୁତ୍ତଳିକା ଦାହ କରିଥିଲେ ।

### ମାନବିକତା ଭୁଲିଗଲା ବିଦ୍ୟୁତ ବିଭାଗ

# ଠିକା ଶ୍ରମିକଙ୍କ ଗୁରୁତର ଆହତକୁ ନେଇ ତେଜିଲା ଆନ୍ଦୋଳନ

- ୨୪ ଦିନ ବିତିଯାଇଥିଲେ ମଧ୍ୟ ଆହତ ଙ୍କ ନିକଟରେ ପହଞ୍ଚିଲେ ନାହିଁ ବିଦ୍ୟୁତ୍ ବିଭାଗ ର କର୍ତ୍ତୃପକ୍ଷ
- ନ୍ୟାୟ ନ ମିଳିଲେ ଆଗକୁ ପରିସ୍ଥିତି ଭୟଙ୍କର ହେବ ବୋଲି ଚେତାବନୀ ଦେଲେ ଗ୍ରାମବାସୀ

**ବାସୁଦେବପୁର :** ଓଡ଼ିଶାର ଶକ୍ତି ବିଭାଗ କୁ ନିଜ ଅଧିନ ରେ ଟାଟା ପାୱାର ନେବା ପରେ ବଢିଛି ମନମାନି। କିଛି ବଡ଼ ବଡିଆ ଅଧିକାରୀ ଙ୍କୁ ନିଯୁକ୍ତି ଦେଇ ଟାଟା ପାୱାର ସବୁ କିଛି ଟେକି ଦେଇଛି ଠିକା ସଂସ୍ଥା ଉପରେ। ଓଡ଼ିଶା ବିଦ୍ୟୁତ ବିଭାଗ ର ହର୍ତ୍ତାକର୍ତ୍ତା ହୋଇଥିବା T.P.N.O.D.L ନିକଟରେ ଠିକା କର୍ମଚାରୀ ମାନଙ୍କ ଖବର ନାହିଁ । ସ୍ଥାୟୀ କର୍ମଚାରୀ ନିଯୁକ୍ତି ପରିବର୍ତ୍ତେ ଅସ୍ଥାୟୀ କର୍ମଚାରୀ ଙ୍କୁ ଏଜେନ୍ସି ମାଧ୍ୟମରେ ରଖି ଟାଟା ପାୱାର ହେଉଛି ମାଲେମାଲ୍ ! ଏଠାରେ କିପରି ବଳି ପଡୁଛନ୍ତି ଠିକା କର୍ମଚାରୀ ତାର ଏକ ନଗ୍ନ ନମୁନା ଦେଖିବାକୁ ମିଳିଛି ଧାମରା ଗ୍ରୀଡ୍ ଅଧିନ ରେ ଥିବା ବିଦେଇପୁର ସବ୍ ଷ୍ଟେସନ ରେ। ସୂଚନା ଅନୁଯାୟୀ ଗତ ଏପ୍ରିଲ ମାସ କୋଡ଼ିଏ ତାରିଖ ରାତି ଏଗାର ଟା ସମୟରେ ବାସୁଦେବ ପୁର ବ୍ଲକ୍ କରଞ୍ଜଆଡିଆ ଗ୍ରାମ ର ଜୈନିକ ଯୁବକ ସହଦେବ ତରାଇ ଯିଏ କି ଜଣେ ଠିକା କର୍ମଚାରୀ ଙ୍କୁ ୧୧ କ.ଠ ରେ ତୃଟି ଥିବାରୁ ବିଦେଇପୁର ସବ୍ ଷ୍ଟେସନ ର ସୁପର ଭାଇଜର ଅଜୟ କୁମାର ପୁହାଣ ଫୋନ୍ କରି ତାଙ୍କୁ ଖୁଣ୍ଟି ଉପରକୁ ଚଢ଼ାଇବା ପାଇଁ ବାଧ୍ୟ କରାଇଥିଲେ । ଯାହାର ପ୍ରମାଣ ସ୍ୱରୂପ ଫୋନରେ ଆସିଥିବା ଏସଏମଏସ ବୟାନ କରୁଛି। ବିଦ୍ୟୁତ୍ ବିଭାଗ ର ସ୍ଥାୟୀ କର୍ମଚାରୀ ମାନେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମୟ ରେ ନିଜକୁ ଅନୁପସ୍ଥିତ ରଖି ଠିକା କର୍ମଚାରୀ ଙ୍କୁ ଖୁଣ୍ଟି ଉପରକୁ ଚଢାଇବା କେତେ ଠିକ୍ ଏହା ଦର୍ଶକ ବନ୍ଧୁ ଆପଣମାନେ ବିଚାର କରିବେ। ବେପରୁଆ ଭାବେ ଝଐଟଞ ଉଙଡଘ ମଧ୍ୟ ନେଇ ନଥିଲେ ଲାଇନ୍ ମ୍ୟାନ। ଫଳରେ ବିଦ୍ୟୁତ୍ ଖୁଣ୍ଟି ଉପରେ ଚଢି ବିଦ୍ୟୁତ ତାର ସଜାଡ଼ିବାକୁ ଯାଇଥିବା ସହଦେବ ତରାଇ ଆସିଥିଲେ ବିଦ୍ୟୁତ ସଂସ୍ପର୍ଶରେ। ବିଦ୍ୟୁତ୍ ଆଘାତ ପାଇବା ସହ ତାଙ୍କ ଡାହାଣ ହାତ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଚିକିତ୍ସା ସମୟରେ ଡାହାଣ ହାତ କାଟି ଦିଆଯାଇଛି। ବାମ ହାତ ମଧ୍ୟ ପୋଡ଼ି ଯାଇଛି ଏବେ ସେ ମରଣ ମୁହଁରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ହାତ ବାନ୍ଧି ବସିଛି ଟାଟା ପାୱାର ଅଧିନ ରେ ଥିବା ବିଦ୍ୟୁତ ବିଭାଗ। ଘଟଣା ଘଟିବାର ଦୀର୍ଘ ଚବିଶ ଦିନ ବିତିଯାଇଥିଲେ ମଧ୍ୟ ସହାୟତା ତ ଦୂରର କଥା ସାଧାରଣ ସମବେଦନା ଉଚିତ୍ ମନେ କରିନାହିଁ ଟାଟା ପାୱାର କର୍ତ୍ତୃପକ୍ଷ। ମାନବିକତା ଭୁଲିଗଲେ କର୍ତ୍ତୃପକ୍ଷ ଏବଂ ସୁପରଭାଇଜର । ଏ ନେଇ ସ୍ଥାନୀୟ ଅଞ୍ଚଳରେ ତିବ୍ର ଉତ୍ତେଜନା ସହ ଧାରଣା ରେ ବସିଛନ୍ତି ବିଦେଇପୁର ସବ୍ ଷ୍ଟେସନ ଆଗରେ ଗ୍ରାମବାସୀ। ଦୀର୍ଘ ତିନି ଘଣ୍ଟା ଧାରଣା ପରେ ବି ବିଦ୍ୟୁତ୍ ବିଭାଗ ପକ୍ଷରୁ କାହାରି ଦେଖା ନାହିଁ। କଶିଆ ସାମୁଦ୍ରିକ ଥାନା ଅଧିକାରିଣୀ ସୁଜାତା ଖମାରୀ ଏବଂ ନାୟକାଣୀଡିହି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଇନ ଶୃଙ୍ଖଳା ପରିସ୍ଥିତି କୁ ଅନୁଧ୍ୟାନ କରିଥିଲେ। ପରେ ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ ପହଞ୍ଚି ଧାରଣାରେ ବସିଥିବା ପରିବାର ଲୋକ ଏବଂ ଗ୍ରାମବାସୀ ମାନଙ୍କ ସହିତ ଆଲୋଚନା କରିବା ସହିତ ଜିଲ୍ଲାପାଳ ଙ୍କ ସହିତ କଥାବାର୍ତ୍ତା କରିଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଆହତ ଙ୍କ ପରିବାରକୁ ୨୫ ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ଯୋଗାଇ ଦେବାକୁ ଘୋଷଣା କରିଥିଲେ। ଏଥିସହିତ ଘଟଣାର ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଥାନା ଅଧିକାରୀ ଙ୍କ ସହିତ ଫୋନ୍ ଯୋଗେ ପରାମର୍ଶ କରିଥିଲେ । ତହସିଲଦାର ଏବଂ ଜିଲ୍ଲାପାଳ ଙ୍କ ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏବେ ଦେଖିବାକୁ ବାକି ରହିଲା ଅଭାବି ପରିବାର ର ଠିକା କର୍ମଚାରୀ ସହଦେବ ତରାଇ ଙ୍କୁ ଆର୍ଥିକ ସହାୟତା ସହ ରାତି ଏଗାର ଟା ବେଳେ ତାଙ୍କୁ ବିପଦ ପୂର୍ଣ୍ଣ ବିଦ୍ୟୁତ ଖୁଣ୍ଟ ରେ ଚଢ଼ାଇଥିବା ଅଧିକାରୀ ମାନଙ୍କ ଉପରେ ଦଣ୍ଡ ମିଳିବ କ୍ୱେ। ଦର୍ଶକ ବନ୍ଧୁ ଆସନ୍ତୁ ଆହତ ସହଦେବ ତରାଇଙ୍କ ପରିବାର ଲୋକ ଏବଂ ଗ୍ରାମବାସୀ କ'ଣ ପ୍ରତିକ୍ରିୟା ରଖିଛନ୍ତି ଶୁଣି ନେବା।



# ରାଜ୍ୟରେ ପେଟ୍ରୋଲ ଓ ଡିଜେଲର କୌଣସି ଅଭାବ ନାହିଁ: ଯୋଗାଣ ମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟରେ ଲୋକମାନେ ଛାନିଆ ହୋଇ ତେଲ କିଣୁଥିବାରୁ ପେଟ୍ରୋଲ ପମ୍ପଗୁଡ଼ିକରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି। ଲୋକମାନଙ୍କ ମନରେ ଥିବା ଭୟ ଦୂର କରିବା ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଆତଙ୍କିତ ହୋଇ ତେଲ ନ କିଣିବାକୁ ସେ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ତେଲ ସରିଯିବା ଭୟରେ ଲୋକମାନେ ଛାନିଆ ହୋଇପଡ଼ିଛନ୍ତି। ୧୦୦ ଟଙ୍କାରେ ତେଲ କିଣୁଥିବା ଲୋକମାନେ ୫୦୦ ଟଙ୍କାରେ ତେଲ ପକାଉଛନ୍ତି। ଦୁଇ ଦିନ ଭିତରେ ତେଲ ଯେ ରାଜ୍ୟରେ ପେଟ୍ରୋଲ ଓ ଡିଜେଲର କୌଣସି ଅଭାବ ନାହିଁ। ପର୍ଯ୍ୟାପ୍ତ ପରିମାଣର ତେଲ ଅଛି। ୧୩ ଦିନର ଆବଶ୍ୟକତା ପୂରଣ କରିବା ଭଳି ତେଲ ରାଜ୍ୟରେ ମହଜୁଦ ଅଛି। ତେଣୁ ଅଯଥାରେ ଚାହିଦା ଆବଶ୍ୟକତାଠାରୁ ୫୦ ପ୍ରତିଶତ ଅଧିକ ବଢ଼ିଯାଇଛି। ଯେତିକି ତେଲ ଦରକାର କେବଳ ସେତିକି କିଣିବାକୁ ସେ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି। ଜାରକିନ୍ ଓ ଟିଣ ଡବାରେ ତେଲ ନେଇ ଘରେ ମହଜୁଦ ରଖନ୍ତୁ ନାହିଁ ବୋଲି ସେ ଲୋକମାନଙ୍କୁ ଅପିଲ କରିଛନ୍ତି।

ପେଟ୍ରୋଲ ପମ୍ପରେ ହେଉଥିବା ଭିଡ଼ ସମ୍ପର୍କରେ ସେ କହିଛନ୍ତି ଯେ ହଠାତ୍ ଭିଡ଼ ବଢ଼ି ଯାଉଥିବାରୁ ପେଟ୍ରୋଲ ପମ୍ପ ମାଲିକମାନେ ସବୁ ଗ୍ରାହକଙ୍କୁ ତେଲ ଦେବା ପାଇଁ ଅଳ୍ପ ଅଳ୍ପ ତେଲ ଦେଉଛନ୍ତି। ଅଭାବ ପାଇଁ ପରିମାଣ କମ୍ କରାଯାଉନାହିଁ। ସରକାରଙ୍କ ତରଫରୁ ପେଟ୍ରୋଲ ପମ୍ପମାନଙ୍କୁ ଏନେଇ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ।

### ପ୍ରଧାନମନ୍ତ୍ରୀ ପେଟ୍ରୋଲ ବ୍ୟବହାର କମ୍ କରିବାକୁ ଆହ୍ୱାନ

# ଗାଡ଼ିର ଟାଙ୍କି ପୂର୍ଣ୍ଣ କରିବାକୁ ଲୋକଙ୍କ ଲମ୍ବା ଧାଡ଼ି




**ପୁରୀ :** ପ୍ରଧାନମନ୍ତ୍ରୀ ପେଟ୍ରୋଲ ବ୍ୟବହାର କମ୍ କରିବାକୁ ଆହ୍ୱାନ ଦେଲେ। ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଯୋଗୁଁ ସମଗ୍ର ବିଶ୍ୱରେ ଦେଖାଦେଇଥିବା ତୈଳ ସଂକଟ ଦୃଷ୍ଟିରୁ ପେଟ୍ରୋଲ କମ ଖର୍ଚ୍ଚ କରିବାକୁ ପରାମର୍ଶ ଦେଲେ। ଅଥଚ ଏହି ଆହ୍ୱାନର ମାତ୍ର କେଇ ଘଣ୍ଟା ପୂରିନି, ତେଲ ଟାଙ୍କିରୁ ତେଲ ସରିଗଲାଣି । ଖବର ପ୍ରସାରିତ ହେବା ପରେ ଏହାକୁ ନେଇ ଆରମ୍ଭ ହୋଇଥିବା ଚର୍ଚ୍ଚା ଯୋଗୁଁ ପେଟ୍ରୋଲ ନମିଳିବା ଆଶଙ୍କାରେ ଲୋକେ । ଗାଡ଼ିର ଟାଙ୍ଗି ପୂର୍ଣ୍ଣ କରିବାକୁ ଲମ୍ବା ଧାଡ଼ି ଲଗାଇଲେ। ଗତ ରାତିଠୁ ନେଇ ଆଜି ସକାଳ ପର୍ଯ୍ୟନ୍ତ ତେଲ ଟାଙ୍କି ସାମ୍ନାରେ ଲମ୍ବା ଧାଡ଼ି ରାସ୍ତାକୁ ଲମ୍ବିଥିବା ଦେଖିବାକୁ ମିଳିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କିଛି ପେଟ୍ରୋଲ ପମ୍ପରେ ସକାଳେ ଅସହ୍ୟ ଭିଡ଼ ଯୋଗୁଁ ତେଲ ସରିଯାଇଛି। ଫଳରେ ପେଣ୍ଠକଟା,ବାଟମଙ୍ଗଳା ନିକଟ ପେଟ୍ରୋଲ ପମ୍ପ ବନ୍ଦ କରିବାକୁ ବାଧ ହୋଇଛନ୍ତି । କିଛି ବ୍ୟକ୍ତିବିଶେଷ ଧାଡ଼ି ବାନ୍ଧି ଛିଡ଼ା ହେବା ପରେ ମଧ୍ୟ ତେଲ ସରିଯିବାରୁ ନିରାଶ ହୋଇ ଫେରିଛନ୍ତି। ଜନ ଅସନ୍ତୋଷ ଏବଂ ଟାଙ୍କିରୁ ପେଟ୍ରୋଲ ଶେଷ ହୋଇଯାଇଥିବାରୁ ବାଧ ହୋଇ ପେଟ୍ରୋଲ ପମ୍ପ ବନ୍ଦ କରିବାକୁ ପଡ଼ିଛି ବୋଲି କୁହାଯାଇଛି। ଏଣେ ପ୍ରଧାନମନ୍ତ୍ରୀ ମାତ୍ର ଦୁଇଟି ଗାଡ଼ିରେ ସଭା ସ୍ଥଳରେ ପହଞ୍ଚିବା ଏବଂ ତାଙ୍କ ଅନୁକରଣରେ କିଛି ମୁଖ୍ୟମନ୍ତ୍ରୀ ନିଜ କାରକେଡରେ ଗାଡ଼ିର ସଂଖ୍ୟା କମାଇବା ଆଦି ଖବର ଦେଖିବା ପରେ ଲୋକଙ୍କ ମଧ୍ୟରେ ପେଟ୍ରୋଲ ଅଭାବ ନେଇ ଆଶଙ୍କା ଘନୀଭୂତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ କାରକେଡରେ ଗାଡ଼ି ସଂଖ୍ୟା ୫୦% କମାଇ ଦେଇଛନ୍ତି। ତେଣୁ ଲୋକେ ତେଲ ନମିଳିବା ଆଶଙ୍କାରେ ଗାଡ଼ିର ଟାଙ୍କି ପୂର୍ଣ୍ଣ କରିବା ପାଇଁ ଅସହ୍ୟ ଖରାରେ ଘଣ୍ଟାଘଣ୍ଟା ଛିଡ଼ା ହେବାକୁ ମଧ୍ୟ ପଛାଇନଥିଲେ। ପ୍ରଧାନମନ୍ତ୍ରୀ ପେଟ୍ରୋଲ ଖର୍ଚ୍ଚ କମ୍ କରିବାକୁ ଆହ୍ୱାନ ଦେଇଥିଲେ । ମାତ୍ର ଭାଷଣର କେଇ ଧାଡ଼ି ବୁମେରାଂ ହେଲା ଲୋକେ ପେଟ୍ରୋଲ କମ୍ ଖର୍ଚ୍ଚ କରିବା ବଦଳରେ ଟିଣ ଆଣି ପେଟ୍ରୋଲ ବୋହି ନେଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଟାଙ୍କିରେ ୧୦୦ ଟଙ୍କାର ତେଲ ପକାଉଥିବା ଲୋକେ ବି ଟାଙ୍କି ପୂର୍ଣ୍ଣ କରିବାକୁ ଅଡ଼ି ବସୁଛନ୍ତି।

# ଅବକାରୀ ମନ୍ତ୍ରୀଙ୍କ ବାସଭବନ ଆଗରେ 'ମୋନା'ର ବିକ୍ଷୋଭ

**ଭୁବନେଶ୍ୱର :** ଓଡ଼ିଶା ସରକାରଙ୍କ ତରଫରୁ ପ୍ରତ୍ୟେକ ଜିଲ୍ଲାରେ ମଦ ଦୋକାନ ଖୋଲିବା ପାଇଁ ଜିଲ୍ଲାପାଳ ଓ ଅବକାରୀ ସୁପରିଟେଣ୍ଡେଣ୍ଟଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟରେ ମଦ ବିକ୍ରି ବନ୍ଦ କରିବା ପ୍ରତିଶ୍ରୁତି ପାଳନ କରିବା ପରିବର୍ତ୍ତେ ନୂତନ ମଦ ଦୋକାନ ଖୋଲିବାକୁ ଯୋଜନା କରୁଥିବାରୁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ରାଜ୍ୟ ଅବକାରୀ ମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମୋନାର ସଭାପତି ତଥା ଗାନ୍ଧୀବାଦୀ ନେତା, ପୂର୍ବତନ ବିଧାୟକ



ପଦ୍ମ ଚରଣ ନାୟକଙ୍କ ନେତୃତ୍ୱରେ କର୍ମୀମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହି ଠାରୁ ଅବକାରୀ ମନ୍ତ୍ରୀଙ୍କ ବାସଭବନକୁ ପଦଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଭାପତି ନାୟକଙ୍କ କହିବାନୁସାରେ, ୧୯୫୬ ମସିହାରେ ନିଶା ନିବାରଣ ଆଇନ ପ୍ରଣୟନ କରାଯାଇଥିଲା। ତାହା ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଅଦ୍ୟାବଧି କାର୍ଯ୍ୟକାରୀ କରାଯାଇନାହିଁ। ଏ ବାବଦରେ ନିୟାମକ ପ୍ରଣୟନ କରି ବିଜ୍ଞପ୍ତି ପ୍ରକାଶ କରିଦେଲେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ । ବିହାରରେ ୨୦୧୬ରୁ ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନ କାର୍ଯ୍ୟକାରୀ ହୋଇଛି। ୧୯୪୭ ମସିହାରୁ ଗୁଜରାଟରେ ନିଶା ନିବାରଣ ଆଇନ ଚାଲିଛି। ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏସ୍ ଜୋସେଫ୍ ବିଜୟ ମୁଖ୍ୟମନ୍ତ୍ରୀ ଶାସନଭାର ଗ୍ରହଣ କରିବା ପରେ ପରେ ୭୧୭ଟି ମଦ ଦୋକାନ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଥଚ, ଓଡ଼ିଶାରେ ଅନୁରୂପ ସଂଖ୍ୟକ ମଦ ଦୋକାନ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଥିବା କଥା ଦୁଃଖଦାୟକ। ମନ୍ଦିରମାଳିନୀ ସହର ଭୁବନେଶ୍ୱରଠାରେ ୫୮ ଗୋଟି ମଦ ଦୋକାନ ଖୋଲିବା ବିରୁଦ୍ଧରେ ମିଳିତ ଓଡ଼ିଶା ନିଶା ନିବାରଣ, ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ମିଳିତ ଉଦ୍ୟମରେ ଲିଙ୍ଗରାଜ ପାସେଞ୍ଜର ହଲ୍ଟ ଓ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାର କିଛି ଦିନ ପରେ ଏହି ପରି ଘଟଣା କ୍ଷୋଭର ବିଷୟ ବୋଲି ମୋନା କହିଛି।

# ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଗସ୍ତ ପୂର୍ବରୁ ଯୁବ କଂଗ୍ରେସ ନେତା ଅଟକ



**ଭୁବନେଶ୍ୱର :** ଆଜି କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଓଡ଼ିଶା ଗସ୍ତ ପୂର୍ବରୁରାଜ୍ୟ ଯୁବକଂଗ୍ରେସସଭାପତିଶ୍ରୀରିତ ପାତ୍ର, ରାଜ୍ୟ ଯୁବକଂଗ୍ରେସ ପ୍ରଭାରୀ ଶ୍ରୀ ମହେଶ ଦେଶମୁଖ, ରାଜ୍ୟ ଯୁବକଂଗ୍ରେସସାଧାରଣସମ୍ପାଦକ ସୁଦିପ ସାମଲଙ୍କୁକ୍ୟାପିଟାଲ ଥାନା, ମୈତ୍ରୀବିହାର ଥାନାରେନେଇ ଅଟକ ରଖିବା ପରେ ପରିଶେଷରେତମାଣ୍ଡ ଥାନାରେ ଅଟକ ରଖିଥିଲେ। ଏକ ଗଣତାନ୍ତ୍ରିକବ୍ୟବସ୍ଥାରେରାଜନୈତିକନେତାମାନଙ୍କୁଏଭଳି ଆଚରଣ ନିନ୍ଦନୀୟ। ନିଟ୍ ପରୀକ୍ଷା ଦୁର୍ନୀତିକୁନେଇ ଯୁବ କଂଗ୍ରେସ କେନ୍ଦ୍ରଶିକ୍ଷା ମନ୍ତ୍ରୀଙ୍କୁ ବିରୋଧ କରିବା ପାଇଁଯେଉଁ ଆୟୋଜନ କରିଥିଲାଭାରତୀୟଜନତା ପାର୍ଟିସରକାର ପୁଲିସ ପ୍ରଶାସନକୁଲଗାଇତାହାକୁଭଣ୍ଡୁରକରିବା ପାଇଁଷଡଯନ୍ତ୍ର କରିଥିଲା। ଏଥିରେ ଯୁବକଂଗ୍ରେସଭୟଭୀତ ନୁହେଁ। ପ୍ରତିବାଦ ଜାରିରହିବ।

# ତୈଳ ଦର ଅଭାବରେ ମତ୍ସ୍ୟଜୀବୀ ହନ୍ତସନ୍ତ



**ପୁରୀ :** ତୈଳ ସଂକଟର ପ୍ରଭାବ ଏବେ ପ୍ରତିଟି କ୍ଷେତ୍ରରେ ଦେଖିବାକୁ ମିଳିଛି। କେଉଁଠି ଆମ୍ବୁଲାନ୍ସରୁ ତେଲ ସରିଯିବାରୁ ରୋଗୀଙ୍କ ମୃତ୍ୟୁ ହେଲାଣି ତ କେଉଁଠି ବସ୍ ଚଳାଚଳ ଠପ୍ କାରଣରୁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି । ଏହି ସଂକଟର ପ୍ରଭାବ ବି ଏବେ ମତ୍ସ୍ୟଜୀବୀଙ୍କ ଉପରେ ପଡିଛି । ପୁରୀ ଜିଲ୍ଲା ମତ୍ସ୍ୟଜୀବୀଙ୍କ ଉପରେ ପେଟ୍ରୋଲ ଓ ଡିଜେଲର ଅଭାବୀ ବିକ୍ରି ଆରମ୍ଭ ହୋଇଛି । ଫଳରେ ଟ୍ରଲରରେ ତେଲ ନଥିବାରୁ ମତ୍ସ୍ୟଜୀବୀମାନେ ହାତବାନ୍ଧି ବସିଲେଣି । ଜୀବୀକା ତ ଗଲାଣୀ, ଏବେ ପରିବାର ପ୍ରତିପୋଷଣ କିଭଳି ହେବ ତାହାକୁ ନେଇ ସେମାନେ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପଟେ ସମୁଦ୍ରରୁ ମାଛ ଧରାନଗଲେ ଏହାର ପ୍ରଭାବ ଆମିଷ ବଜାର ଉପରେ ପଡ଼ିବାକୁ ଯାଉଛି । ଅନ୍ୟପଟେ ଏପ୍ରିଲ ୧୫ ତାରିଖରୁ ଜୁନ ୧୪ ତାରିଖ ପର୍ଯ୍ୟନ୍ତ ମାଛ ପ୍ରଜନନର ସୁରକ୍ଷା ପାଇଁ ସମୁଦ୍ରରୁ ମାଛ ମାରିବା ଉପରେ ବାରଣ କରାଯାଇଥିଲେ ବି ମତ୍ସ୍ୟଜୀବୀମାନେ ଲୁଚିଛପି ମାଛ ଧରିବାକୁ ଯାଇଥାନ୍ତି । ଫଳରେ କେବଳ ମତ୍ସ୍ୟଜୀବୀ ନୁହଁନ୍ତି ମାଛ ଦୋକାନୀମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି । ଏଥିରେ ଗ୍ରାହକ ମାନଙ୍କ ଉପରେ ପ୍ରଭାବ ପଡ଼ିବାର ଲାଗିଛି ।

# ସାବିତ୍ରୀ ପାଇଁ ଫଳ ଦର ଆକାଶ ଛୁଆଁ



**ପୁରୀ :** ରାତି ପାହିଲେ ସାବିତ୍ରୀ ବ୍ରତ। ସ୍ୱାମୀଙ୍କ ଦୀର୍ଘାୟୁ ଓ କଲ୍ୟାଣ କାମନା କରି ଓଡ଼ିଶାର ସଧବା ନାରୀ ପାଳନ କରିବେ ଏହି ବ୍ରତ। ଏହି ଅବସରରେ ନୂଆ ଶାଢ଼ି, ଶଙ୍ଖା ଓ ଶୃଙ୍ଗାର ସାମଗ୍ରୀ ପରିଧାନ କରି ପୂଜାର୍ଚ୍ଚନା କରିବାର ପରମ୍ପରା ରହିଛି। ପର୍ବ ପାଇଁ ଏବେ ସପିଙ୍ଗ ମଲ୍‌ରୁ ଆରମ୍ଭ କରି ଶାଢ଼ି, ଗହଣା, ଷ୍ଟେସନାରି ଏବଂ ଫଳ ଦୋକାନ ପର୍ଯ୍ୟନ୍ତ ସବୁଠି ଚଳଚଞ୍ଚଳ ପରିବେଶ। ଧାର୍ମିକ ସହର ପୁରୀରେ ବି ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ପୂଜାକୁ ଆଖି ଆଗରେ ରଖି ପ୍ରତି ଛକରେ ବ୍ୟବସାୟୀମାନେ ପସରା ମେଲାଇଛନ୍ତି। ଏହି ଉତ୍ସବର ଆନନ୍ଦ ଭିତରେ ସାଧାରଣ ଖାଉଟିଙ୍କ ପକେଟକୁ ବାଧୁଛି ବର୍ଦ୍ଧିତ ମୂଲ୍ୟ। ସାବିତ୍ରୀ ପାଇଁ ଫଳର ଦର ଆକାଶଛୁଆଁ ହୋଇଛି, ଯାହା ଗ୍ରାହକଙ୍କ ଚିନ୍ତା ବଢ଼ାଇ ଦେଇଛି। ଏହି ମହଙ୍ଗା ମାଡ଼ ସାଧାରଣ ମଧ୍ୟବିତ୍ତ ପରିବାର ପାଇଁ ବଡ଼ ବୋଝ ସଦୃଶ ହୋଇଛି। ସାବିତ୍ରୀ ଅମାବାସ୍ୟା ପୂର୍ବରୁ ବିବାହିତ ଝିଅ ଘରକୁ 'ସାବିତ୍ରୀ ଭାର' ପଠାଇବାର ସ୍ୱତନ୍ତ୍ର ପରମ୍ପରା ରହିଛି। ଏହି ପରମ୍ପରା ରକ୍ଷା କରିବା ପାଇଁ ଝିଅ ଘରକୁ ଭାର ନେଇ ଯିବାକୁ ଲୋକେ ବାଧ ହୋଇ ଫଳ ଦୋକାନରେ ପ୍ରବଳ ଭିଡ଼ ଜମାଉଛନ୍ତି ଏବଂ ଚଢ଼ା ଦରରେ ଜିନିଷ କିଣୁଛନ୍ତି। ପକେଟକୁ ବାଧୁଥିଲେ ମଧ୍ୟ, ସାମାଜିକ ରୀତିନୀତି ଏବଂ ସ୍ନେହର ସମ୍ପର୍କ ଆଗରେ ଗ୍ରାହକ ଅସହାୟ ହୋଇ ଏହି ବର୍ଦ୍ଧିତ ମୂଲ୍ୟକୁ ସ୍ୱୀକାର କରିବାକୁ ବାଧ ହେଉଛନ୍ତି। ପୁରୀର ବଡ଼ଶଙ୍ଖ, ମଙ୍ଗଳାଘାଟ, ମାଟିଆପଡ଼ା, ମାର୍କେଟ ଛକ, ଲକ୍ଷ୍ମୀ ବଜାର, କଲେଜ ଛକ ଆଦି ପ୍ରମୁଖ ରାସ୍ତାକଡ଼ରେ ଭଳିକି ଭଳି ଫଳର ପସରା ଦେଖିବାକୁ ମିଳିଛି।

# ୪୩୦୭୦ ଅଲିଭରିଡେଲ କଇଁଚ ଶାବକକୁ ସମୁଦ୍ରରେ ଛଡାଗଲା

**ଗୋପ :** ଗୁରୁବାର ଅପରାହ୍ନରେ କୋଣାର୍କ ବନବିଭାଗ ପକ୍ଷରୁ ୪୫୮ ଗୋଟି ବସାରୁ ୫୩୫୩୨ ଗୋଟି ଅଣ୍ଡା ସଂଗ୍ରହ କରାଯାଇଥିବା ବେଳେ ୪୩୦୭୦ ଗୋଟି ଅଲିଭରିଡେଲ କଇଁଚ ଶାବକକୁ ସୁରକ୍ଷିତ ଭାବେ ଚନ୍ଦ୍ରଭାଗା ସମୁଦ୍ର କୂଳରେ ଛଡା ଯାଇଥିବା ଜଣାପଡ଼ିଛି। ଖବରରୁ ପ୍ରକାଶ ଯେ କୋଣାର୍କ ବନବିଭାଗ ଅଧିନସ୍ଥ ରାମଚଣ୍ଡୀ ଫରେଷ୍ଟ ବିଟ ହାଉସର ୪୧ ଗୋଟି ବସାରୁ ୪୬୯୨ ଗୋଟି ଅଲିଭରିଡେଲ କଇଁଚ ଅଣ୍ଡା, ଚନ୍ଦ୍ରଭାଗା କଇଁଚ ସୁରକ୍ଷା କେନ୍ଦ୍ରର ୭୮ ଗୋଟି ବସାରୁ ୮୭୪୪ ଗୋଟି ଅଣ୍ଡା, ଦଶଧାଡିଆ କଇଁଚ ସୁରକ୍ଷା କେନ୍ଦ୍ରର ୭୨ ଗୋଟି ବସାରୁ ୮୨୫୮ ଗୋଟି ଅଣ୍ଡା ଓ କଅଁରପୁର କଇଁଚ ସୁରକ୍ଷା କେନ୍ଦ୍ରର ୨୬୭ ଗୋଟି ବସାରୁ ୩୧୮୮୮ ଗୋଟି ଅଣ୍ଡା ସଂଗ୍ରହ କରାଯାଇ ସଂରକ୍ଷିତ ରଖାଯାଇଛି। ସେହିପରି ରାମଚଣ୍ଡୀ, ଚନ୍ଦ୍ରଭାଗା, ଦଶଧାଡିଆ ଓ କଅଁରପୁର କଇଁଚ ସୁରକ୍ଷା କେନ୍ଦ୍ରର ୪୫୮ ଗୋଟି ବସାରେ ଅଣ୍ଡାରୁ ଛୁଆ ଫୁଟିଥିବା ୪୩୦୭୦ ଗୋଟି ଅଲିଭରିଡେଲ କଇଁଚ ଶାବକକୁ ସୁରକ୍ଷିତ ଭାବେ ଚନ୍ଦ୍ରଭାଗା ସମୁଦ୍ରରେ ଗୁରୁବାର ଅପରାହ୍ନରେ ଛଡା ଯାଇଛି ବୋଲି କୋଣାର୍କ ବନାଚଂଳ ଅଧିକାରୀ ସୁଦର୍ଶନ ଦେହୁରୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟରେ ଫରେଷ୍ଟର ସବୀର ସାହୁ, କୋଣାର୍କ ଫରେଷ୍ଟର କାର୍ତ୍ତିକେଶ୍ୱର ମୁଣ୍ଡା ଓ ରାମଚଣ୍ଡୀ ଫରେଷ୍ଟର ତପନ କୁମାର ନାୟକ ପ୍ରମୁଖ ଅଣ୍ଡା ସଂଗ୍ରହ ଓ ସମୁଦ୍ରରେ ଛୁଆ ଛାଡିବା ସମୟରେ ଉପସ୍ଥିତ ଥିଲେ।

# ଆଦିତ୍ୟ ଆଲୁମିନିୟମ ସମ୍ପ୍ରସାରଣ ପ୍ରସ୍ତାବକୁ ଜନ ଶୁଣାଣିରେ ବ୍ୟାପକ ସମର୍ଥନ

**ଲପାଙ୍ଗା :** ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ର ଆଦିତ୍ୟ ଆଲୁମିନିୟମ ପ୍ଲାଣ୍ଟ, ଲପାଙ୍ଗାର ପ୍ରସ୍ତାବିତ ସମ୍ପ୍ରସାରଣକୁ ନେଇ ମେ ୧୫ ରିଖରେ ଅନୁଷ୍ଠିତ ଜନ ଶୁଣାଣୀରେ ସ୍ଥାନୀୟ ଲୋକ ଓ ପଞ୍ଚାୟତିରାଜ ପ୍ରତିନିଧିମାନେ ପ୍ରବଳ ସମର୍ଥନ ପ୍ରକାଶ କରିଛନ୍ତି। ଅଞ୍ଚଳରେ ଅଧିକ ରୋଜଗାର ସୃଷ୍ଟି ସହ ଦୀର୍ଘମିଆଦି ସାମାଜିକ ଓ ଆର୍ଥିକ ଉନ୍ନତିକୁ ଦୃଷ୍ଟିରେ ରଖି ସେମାନେ ଏହି ପ୍ରକଳ୍ପକୁ ସମର୍ଥନ କରିଥିଲେ। ଜିଲ୍ଲା ପ୍ରଶାସନ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ (ଓଏସପିସିବି) ର ପ୍ରତିନିଧି ଏବଂ ସାଧାରଣ ଜନତାଙ୍କ ଉପସ୍ଥିତିରେ ଆୟୋଜିତ ଏହି ଜନ ଶୁଣାଣୀ, ପରିବେଶ ଅନୁମୋଦନ ପାଇଁ ଇଆଇଏ ବିଜ୍ଞପ୍ତି, ୨୦୦୬ ଅନୁଯାୟୀ ପରିଚାଳିତ ହୋଇଥିଲା। ଏଥିରେ ଆଲୁମିନିୟମ ସ୍ମେଲ୍ଟର ଓ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ସମ୍ପ୍ରସାରଣ ପ୍ରସ୍ତାବ ଉପରେ ଚର୍ଚ୍ଚା ହୋଇଥିଲା। ଜନ ଶୁଣାଣି ସଭାରେ ଅଂଶଗ୍ରହଣ କରିଥିବା ପ୍ରତିନିଧି ଅନୁସାରେ, ଲପାଙ୍ଗା, ବୋମାଲୋଇ, ଡେରବା,




ଖଡିଆପାଳି, ଟିଲେଇମାଳ ଓ ଧରୋପାଣି ସହିତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗ୍ରାମବାସୀମାନେ ସମ୍ପ୍ରସାରଣ ପ୍ରସ୍ତାବକୁ ସ୍ୱତଃ ସମର୍ଥନ କରିଥିଲେ। ଉକ୍ତ ସଭାରେ ଯୋଗ ଦେଇଥିବା ବକ୍ତାମାନେ କହିଥିଲେ ଯେ, ଏହି ପ୍ରକଳ୍ପ ସ୍ଥାନୀୟ ଯୁବମାନଙ୍କ ପାଇଁ ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବା ସହ ସମ୍ବଲପୁର ଜିଲ୍ଲାର ଔଦ୍ୟୋଗିକ ଅଞ୍ଚଳର ବିକାଶକୁ ଆହୁରି ଗତିଶୀଳ କରିବ। ଏହି ସଭାରେ କମ୍ପାନୀ ପକ୍ଷରୁ ସୂଚନା ଦେଇ କୁହାଯାଇଥିଲା ଯେ, ପ୍ରସ୍ତାବିତ ସମ୍ପ୍ରସାରଣ ଏକ "ବ୍ରାଉନଫିଲ୍ଡ" ପ୍ରକଳ୍ପ ଓ ଏହା ସମ୍ପୂର୍ଣ୍ଣ ଭାବେ ବର୍ତ୍ତମାନର କାରଖାନା ପରିସର ମଧ୍ୟରେ କାର୍ଯ୍ୟକାରୀ ହେବ। ଏଥିପାଇଁ କୌଣସି ନୂତନ ଜମି ଅଧିଗ୍ରହଣ, ବିସ୍ଥାପନ ତଥା ପୁନର୍ବାସ କିମ୍ବା ପୁନସ୍ଥାପନର ଆବଶ୍ୟକତା ରହିବ ନାହିଁ।

"ଏହି ସମ୍ପ୍ରସାରଣ ଦ୍ୱାରା ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ଏବଂ ବ୍ୟବସାୟିକ ସୁଯୋଗର ଦ୍ୱାର ଖୋଲିବ ବୋଲି ଲାଉମାଲ ଗ୍ରାମର ବାସିନ୍ଦା ଶ୍ରୀ ହଳଧର ମକର ପ୍ରକାଶ କରିଥିଲେ, ସେ ସମସ୍ତ ଗ୍ରାମବାସୀଙ୍କ ତରଫରୁ ଆଦିତ୍ୟ ଆଲୁମିନିୟମ ପ୍ରକଳ୍ପର ସମ୍ପ୍ରସାରଣକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ।

ସେହିପରି ଜନଶୁଣାଣୀରେ ବୋମାଲୋଇ ଗ୍ରାମ ପଞ୍ଚାୟତ ଅଧୀନ ଧାରୋପାଣି ଗ୍ରାମର ଶ୍ରୀମତୀ ସୁଲୋଚନା ପ୍ରଧାନ କହିଥିଲେ ଯେ, "ଆମେ ଆଦିତ୍ୟ ବିର୍ଲା ଗ୍ରୁପର ଆଦିତ୍ୟ ଆଲୁମିନିୟମ ପ୍ଲାଣ୍ଟର ସମ୍ପ୍ରସାରଣକୁ ହୃଦୟରୁ ସମର୍ଥନ କରୁଛୁ, କାରଣ ଏହା ଆମ ସମୁଦାୟ ପାଇଁ ମୂଲ୍ୟବାନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ବିଶେଷକରି, କମ୍ପାନୀ ଆମ ଗ୍ରାମର ମହିଳା ଏବଂ ଯୁବତୀମାନଙ୍କୁ ଯେଉଁମାନଙ୍କର ଶିକ୍ଷାଗତ ଯୋଗ୍ୟତା କମ୍ ଅଛି, ସେମାନଙ୍କୁ ଏହାଦ୍ୱାରା ସମ୍ମାନଜନକ ଜୀବିକା ମିଳିବା ଦ୍ୱାରା ସେମାନେ ସଶକ୍ତ ହୋଇପାରିବେ। ଏହା ଆମକୁ ପରିବାର ଆୟରେ ସହଯୋଗ କରିବା ସହିତ ଅଧିକ ସୁରକ୍ଷିତ ଏବଂ ସୁଖମୟ ପରିବାରିକ ଜୀବନ ଯାପନ କରିବାର ସୁଯୋଗ ଦେବ ବୋଲି ଶ୍ରୀମତୀ ସୁଲୋଚନା ପ୍ରକାଶ କରିଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati